






## ଟି ଟାଇମ୍

# ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ରହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

# ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି । ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ । ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ । ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ । ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି । ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି । ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ । ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି ।

# ସବୁଠାରୁ ଛୋଟିଆ ଗାଁ



ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷିୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ 'ଜଙ୍ଗଲ୍ସ ଇନ୍ ପ୍ୟାରିସ'୍ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# 'ବବି ଜାସୁସ୍'ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ 'ବବି ଜାସୁସ୍' । ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍ । ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା । ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି । ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ । କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା । ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ । ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି ।

# ଆସିୟୁରେ ହେଲା ବିବାହ



ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି । ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ । ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ । ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ । ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା । ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ । ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା । ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ । ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ । ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୨୨

# ନାରୀଶକ୍ତି ଶକ୍ତି ବନ୍ଦନ ଅଧିନିୟମ : ମହିଳା ସଶକ୍ତୀକରଣ



ଅନୁପମା ଭୂୟାଁ

ମହିଳା ଆରକ୍ଷଣ ବିଲ ସମ୍ବିଧାନର ୧୨୮ତମ ସଂଶୋଧନ ଦ୍ୱାରା ସଂସଦରେ ଓ ବିଧାନସଭା ମାନଙ୍କରେ ଏକ ତୃତୀୟାଂଶ ସ୍ଥାନ ମହିଳା ମାନଙ୍କ ପାଇଁ ସଂରକ୍ଷିତ ରହିବ। ଯେଉଁଥିରେ ଅନୁସୂଚୀତ ଜାତି ଓ ଜନଜାତିର ମହିଳା ମାନଙ୍କ ପାଇଁ ସେହି ବର୍ଗ ପାଇଁ ସଂରକ୍ଷଣ ଆସନର ଏକ ତୃତୀୟାଂଶ ଅନ୍ତର୍ଭୁକ୍ତ। ଏହା ମହିଳା ମାନଙ୍କର ରାଜନୈତିକ ଶକ୍ତିରେ ବୃଦ୍ଧି ଘଟାଇବ ଯାହା ଦେଶ ପାଇଁ ମଙ୍ଗଳପ୍ରଦ ହେବ। କାରଣ ରାଜନୈତିକ ସଶକ୍ତୀକରଣ ମହିଳା ମାନଙ୍କର ସାମଗ୍ରିକ ସଶକ୍ତୀକରଣକୁ ଏକ ଦୃଢ଼ ଭିତ୍ତି ଯୋଗାଇଥାଏ। ଏହାଦ୍ୱାରା ଅର୍ଥନୀତି ଓ ସମାଜର ପ୍ରତିଟି କ୍ଷେତ୍ରରେ ମହିଳା ମାନଙ୍କର ସକ୍ରିୟ ଅଂଶ ଗ୍ରହଣର ସହଯୋଗ ଆହୁରି ତ୍ୱରାନ୍ୱିତ ହେବ। ନିକଟରେ ଚନ୍ଦ୍ରଯାନ-୩ରେ ଏଥିରେ ୧୨୦ଜଣରୁ ଉର୍ଦ୍ଧ୍ୱ ମହିଳା ବୈଜ୍ଞାନିକ କାର୍ଯ୍ୟ କରିଥିଲେ। ଅନେକ ହୁଏତ ଜାଣିନଥାନ୍ତି ଜନସଂଖ୍ୟାର ଅର୍ଦ୍ଧାଧିକ ହୋଇଥିବା ମହିଳା ମାନଙ୍କର ଅନ୍ତର୍ନିହିତ ପାରଦର୍ଶିତା ସାମଗ୍ରିକ ଦକ୍ଷତା ଅନେକ କାର୍ଯ୍ୟରେ ବିନିଯୋଗ ହେଲେ ଭାରତ ଏକ ସଶକ୍ତ ଓ ସମୃଦ୍ଧ ରାଷ୍ଟ୍ରରେ ପରିଣତ ହେବା ଆଉ ଡେରି ନୁହଁ। ପ୍ରକାଶିତ ସୂଚନା ଅନୁସାରେ ବିଲଟି ଏବେ ପାରିତ ହେବା ପରେ ମଧ୍ୟ ମହିଳା ମାନଙ୍କ ପାଇଁ ଏହି ନୂତନ ସ୍ଥାନ ଆରକ୍ଷଣ ବ୍ୟବସ୍ଥା ୨୦୨୪ ସାଧାରଣ ନିର୍ବାଚନରେ କାର୍ଯ୍ୟକାରୀ ନ ହୋଇପାରେ। ଏହା ଅନୁଯାୟୀ ୨୦୨୬ରେ ନିର୍ବାଚନ କ୍ଷେତ୍ରମାନଙ୍କର ନୂତନ ସୀମା ନିର୍ଦ୍ଧାରଣ ବା ଡିଲିମିଟେସନ ସଂପୂର୍ଣ୍ଣ ହେବା ପରେ ଯାଇ ୨୦୨୯ର ସାଧାରଣ ନିର୍ବାଚନରେ ଏହା କାର୍ଯ୍ୟକାରୀ ହେବ। ଏଥିରେ କିନ୍ତୁ ସନ୍ଦେହ ନାହିଁ ଯେ ଥରେ ମହିଳା ମାନଙ୍କୁ ଆରକ୍ଷଣ ପ୍ରଦାନ ନିମିତ୍ତ ସଂବିଧାନରେ ସଂଶୋଧନ କରାଯିବା ପରେ ତାହା ମହିଳା ସଶକ୍ତୀକରଣ ଦିଗରେ ଯେଉଁଭଳି ଅତୁଳନୀୟ ତାତ୍ପର୍ଯ୍ୟ ବହନ କରିବ, ନୀତିନିୟମ ଦୃଷ୍ଟିରୁ ତାହା ଯେବେ ଠାରୁ କାର୍ଯ୍ୟକାରୀ ହେଲେ ମଧ୍ୟ ମହିଳା ମାନଙ୍କ ଦୃଷ୍ଟିରେ ତାହାର ପ୍ରଭାବ ଆଦୌ କ୍ଷୁର୍ଣ୍ଣ ହେବନାହିଁ। ୧୯୯୬ରେ ପ୍ରଥମ ଉଦ୍ୟମ ପରେ ୧୯୯୮, ୧୯୯୯ ଓ ୨୦୦୮ରେ ବିଲଟି ପାରିତ କରିବା ପାଇଁ ଉଦ୍ୟମ ହୋଇଥିଲେ ହେଁ ତାହା ଫଳବତୀ ହୋଇପାରି ନଥିଲା। ୨୦୧୦ରେ ବିଲଟି ରାଜ୍ୟସଭାରେ ପାରିତ ହୋଇଥିଲେ ହେଁ ତା ପରେ କେବେ ହେଲେ ଲୋକସଭାରେ ଉପସ୍ଥାପିତ ହୋଇପାରିନଥିଲା। ବର୍ତ୍ତମାନ ତେଣୁ ବିଲଟି ସଂସଦରେ ପାରିତ ହୋଇ ବଳବତ୍ତର ହୋଇଗଲେ ସେଥିପାଇଁ ଶାସକ ଭାରତୀୟ ଜନତା ପାର୍ଟି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଶ୍ଚିତ ଶ୍ରେୟ ଲାଭ କରିବେ। ୨୦୧୦ ବିଲଟି ରାଜ୍ୟସଭାରେ ପାରିତ ହେବା ଏକ ବିଶେଷ ତାତ୍ପର୍ଯ୍ୟ ବହନ କରିଥାଏ। ଲୋକସଭା ଓ ରାଜ୍ୟସଭା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଫରକ ହେଉଛି ଏହା ଯେ ଲୋକସଭା ପାଞ୍ଚ ବର୍ଷ ପାଇଁ ନିର୍ବାଚିତ ହୋଇ ଗଠିତ ହେଉଥିବାବେଳେ ରାଜ୍ୟସଭା ହେଉଛି ଏକ ସ୍ଥାୟୀ ଗୃହ। ଏହି କାରଣରୁ କୌଣସି ଏକ ବିଲ ରାଜ୍ୟସଭାରେ ଥରେ ପାରିତ ହୋଇଯିବା ପରେ ଯେତେ ଦିନ ବିତିଗଲେ ମଧ୍ୟ ତାହା ପୁନରାୟ ଆଉ ରାଜ୍ୟସଭାରେ ଉପସ୍ଥାପିତ ହେବା ଆବଶ୍ୟକ ହୋଇନଥାଏ। ଏଣୁ ସେଇ ବିଲଟି କେବଳ ଲୋକସଭାରେ ପାରିତ ହୋଇଗଲେ ଆଇନରେ ପରିଣତ ହୋଇଯାଏ। କିନ୍ତୁ ବର୍ତ୍ତମାନ କେନ୍ଦ୍ର କ୍ୟାବିନେଟ ଦ୍ୱାରା ଅନୁମୋଦିତ ହୋଇ ଯେଉଁ ବିଲଟି ଲୋକସଭାରେ ଉପସ୍ଥାପିତ ହୋଇଛି ସେଥିରେ ଯଦି କୌଣସି ପରିବର୍ତ୍ତନ କରାଯାଇଥାଏ, ତାହେଲେ ବିଲଟି ଲୋକସଭାରେ ପାରିତ ହେବା ପରେ ପୁଣି ରାଜ୍ୟସଭାରେ ପାରିତ ହେବାକୁ ପଡ଼ିବ। ଏଥର କିନ୍ତୁ କଂଗ୍ରେସ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଦଳମାନେ ମହିଳା ଆରକ୍ଷଣ ନିମିତ୍ତ ଜୋରଦାର ଦାବି କରି ଆସୁଥିବାରୁ ବିଲଟି ସୁରୁଖୁରୁରେ ଉଭୟ ଗୃହରେ ପାରିତ ହୋଇଯିବାର ଦୃଢ଼ ସମ୍ଭାବନା ରହିଛି। ମହିଳା ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ସାରା ଦେଶ ପାଇଁ ଉଦାହରଣ। ରାଜ୍ୟର ମୋଟ ୨୧ ଲୋକସଭା ସାଂସଦଙ୍କ ମଧ୍ୟରେ ୭ଜଣ ମହିଳା। ସେଥିରେ ବିଜେଡ଼ିରୁ ୫ ଓ ବିଜେପିରୁ ୨ ମହିଳା ସାଂସଦ ଅଛନ୍ତି। ଏହି ସାତ ଜଣ ନେତ୍ରୀଙ୍କ ଭିତରେ ପ୍ରମିଳା ବିଶୋୟୀଙ୍କ ଭଳି ଅଣରାଜନୈତିକ ଗ୍ରାମୀଣ ମହିଳା ବି ଅଛନ୍ତି। ଗାଁରେ କାମ କରୁଥିବା ଗରିବ ପ୍ରମିଳାଙ୍କୁ ସାଂସଦ ପ୍ରାର୍ଥୀ କରି ବିଜେଡ଼ି ନାରୀ ସଶକ୍ତିକରଣର ବଡ଼ ବାର୍ତ୍ତା ଦେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଖାଲି ସେତିକି ନୁହେଁ, ମହିଳା ସଶକ୍ତୀକରଣ ଓ ମହିଳା ସଂରକ୍ଷଣ ଦାବି ତେଜି ଆସୁଥିବା ବିଜେଡ଼ି ଗତ ଲୋକସଭା ନିର୍ବାଚନରେ ୩୩% ମହିଳାଙ୍କୁ ଟିକଟ ଦେଇଥିଲା। ବର୍ତ୍ତମାନ ଲୋକସଭାରେ ୪୬୪ ଜଣ ପୁରୁଷ ସାଂସଦ ଥିବାବେଳେ ମହିଳା ସାଂସଦଙ୍କ ସଂଖ୍ୟା ୭୮ ଜଣ। ଅର୍ଥାତ୍ ମହିଳାଙ୍କ ଭାଗିଦାରିତା ମାତ୍ର ୧୪% ରହିଛି। ଯେତିକି ମହିଳା ସାଂସଦ ଅଛନ୍ତି, ସେଥିରେ ଓଡ଼ିଶାର ଅଂଶ ସବୁଠୁ ଅଧିକ ରହିଛି। ଓଡ଼ିଶା ପଛକୁ ରହିଛି ଛତିଶଗଡ଼। ନାରୀଶକ୍ତି ସଂରକ୍ଷଣରେ ଓଡ଼ିଶା ସର୍ବାଗ୍ରେ ରହିଛି। ସଂସଦ ଓ ବିଧାନସଭା ଆସନରେ ୩୩% ମହିଳାଙ୍କୁ ସଂରକ୍ଷଣ ଦେବା ପାଇଁ ବିଜେଡ଼ି ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ କିଛି ବର୍ଷ ହେବ ଉଦ୍ୟମ ଚଳାଇ ଆସିଛନ୍ତି। ସବୁ ସ୍ତରରେ ଏ ନେଇ ବିଜେଡ଼ି ସ୍ୱର ଉଠାଇଛି। ନବୀନଙ୍କ ନିର୍ଦ୍ଦେଶରେ ବିଜେଡ଼ିର ପ୍ରତିନିଧି ଦଳ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଜାତୀୟ ଏବଂ ଆଞ୍ଚଳିକ ଦଳ ମୁଖ୍ୟଙ୍କୁ ଭେଟି ସମର୍ଥନ ମାଗିଛନ୍ତି। ମହିଳା ସଶକ୍ତିକରଣକୁ ସବୁବେଳେ ପ୍ରାଧାନ୍ୟ ଦେଇ ଆସୁଥିବା ନବୀନଙ୍କୁ ଓଡ଼ିଶାର ନାରୀ ଶକ୍ତି ସବୁବେଳେ ଆଶୀର୍ବାଦ ଦେଇ ଆସିଛନ୍ତି। ରାଜନୈତିକ ଭୋଟବ୍ୟାଙ୍କରେ ଏହି ମହିଳା ବିଲ ଲାଭଦାୟକ ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରନ୍ତି। ସମସ୍ତ ଭୋଟ ସପକ୍ଷରେ ଯାଇଥିବାବେଳେ ମାତ୍ର ଦୁଇଟି ଭୋଟ ବିରୁଦ୍ଧରେ ଯାଇଛି। ମହିଳା ମାନଙ୍କ ଉଲ୍ଲେଖନୀୟ ଅଗ୍ରଗତି ଦ୍ୱାରା ନାରୀଶକ୍ତି ଆହୁରି ସଶକ୍ତ ହେବା ସହ ସମାଜର ସବୁକ୍ଷେତ୍ରରେ ଅତୁଳନୀୟ ସଫଳତା ନିଶ୍ଚିନ୍ତ ପାଇବେ।

*'ସାଇବିଥି' ୭ଡି/୧୩୫୪, ସେକ୍ଟର-୯, ସିଡିଏ, କଟକ*

# ଖଲିସ୍ତାନୀଙ୍କ ହାତରେ ଖେଳନା କାନାଡ଼ାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ



ଡ. ସମନ୍ୱୟ ନନ୍ଦ

କାନାଡା ସବୁବେଳେ ଭାରତ ବିରୋଧୀ କାର୍ଯ୍ୟକଳାପର ଏକ ବଡ କେନ୍ଦ୍ର ଭାବେ ରହି ଆସିଛି । ବିଶେଷ ଭାବେ ଭାରତକୁ ଖଂଡିତ କରିବାକୁ ସ୍ୱପ୍ନ ଦେଖୁଥିବା ଖଲିସ୍ତାନୀ ଆତଙ୍କବାଦୀ ମାନଙ୍କ ପାଇଁ କାନାଡା ଏକ ପ୍ରକାର ଅଭୟାରଣ୍ୟ । କୁଖ୍ୟାତ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସଆଇ ଦ୍ୱାରା ପ୍ରେରିତ ଖଲିସ୍ତାନୀ ଶକ୍ତି ମାନେ କାନାଡାରୁ ନିଜର ଭାରତ ବିରୋଧୀ କାର୍ଯ୍ୟକଳାପ ପରିଚାଳନା କରି ଆସିଛନ୍ତି । ଭାରତ ସରକାର ଏ ସମ୍ପର୍କରେ ଆପତି ବ୍ୟକ୍ତ କରିବା ସତ୍ୱେ କାନାଡା ସରକାର ଖଲିସ୍ତାନୀ ମାନଙ୍କ ବିରୁଦ୍ଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତ ଦୂରର କଥା ସେମାନଙ୍କୁ ଖୋଲାଖୋଲି ଭାରତ ବିରୋଧୀ କାର୍ଯ୍ୟକଳାପ ପାଇଁ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି । ଏହାର କାରଣ ହେଲା କାନାଡ଼ାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ସରକାର ଖଲିସ୍ତାନୀ ବିଚାରଧାରା ପ୍ରତି ସହାନୁଭୁତି ରଖୁଥିବା ରାଜନୈତିକ ଦଳ ଓ ସାଂସଦ ମାନଙ୍କ ସହଯୋଗରେ ଚାଲିଛି । ତେଣୁ କାନାଡାର ପ୍ରଧାନମନ୍ତ୍ରୀ ଟ୍ରୁଡୋ ନିଜ ସରକାର ବଂଚାଇବାକୁ ଯାଇ ଖଲିସ୍ତାନୀ ମାନଙ୍କ କଥାରେ ପରିଚାଳିତ ହେଉଥିବା ସ୍ପଷ୍ଟ ଦେଖା ଯାଉଛି। ବର୍ତମାନ ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରରେ ଭାରତର ଆଭିମୁଖ୍ୟ ଏହି ମାମଲାରେ ଅତ୍ୟନ୍ତ କଠୋର ହୋଇଛି । ପୂର୍ବରୁ ଭାରତ ସରକାରଙ୍କ ଆଭିମୁଖ୍ୟ ସେତେଟା କଠୋର ନ ଥିଲା । ଏବେ ଜି ୨୦ ବୈଠକରେ କାନାଡାର ପ୍ରଧାନମନ୍ତ୍ରୀ ଟ୍ରୁଡୋ ଆସିଥିବା ବେଳେ ତାଙ୍କୁ ଭାରତ ସରକାର ତରଫରୁ ସ୍ପଷ୍ଟ ଭାବେ ଜଣାଇ ଦିଆଯାଇଥିଲା ଯେ କାନାଡାର ମାଟିରୁ ଭାରତ ବିରୋଧୀ କାର୍ଯ୍ୟକଳାପକୁ ସରକାର ବନ୍ଦ କରନ୍ତୁ। ମାନବିକ ଅଧିକାର ନାମରେ ଏହାକୁ ବରଦାସ୍ତ କରାଯାଇ ପାରିବ ନାହିଁ । କାନାଡାରୁ ଖୋଲାଖୋଲି ଭାବେ ଭାରତର କୂଟନୀତିଜ୍ଞ ମାନଙ୍କୁ ହତ୍ୟା କରାଯିବାକୁ ପୋଷ୍ଟର ଜାରୀ କରାଯାଉଛି । ସେଠାରେ ଭାରତ ସମର୍ଥକ ମାନଙ୍କର ଉପରେ ଆକ୍ରମଣ କରାଯାଉଛି। ଏହା ତୁରନ୍ତ ବନ୍ଦ ହେବା ଦରକାର ବୋଲି ଭାରତ ସରକାରଙ୍କ ପକ୍ଷରୁ ଟ୍ରୁଡୋଙ୍କୁ କଡା ବାର୍ତା ଦିଆଯାଇଥିଲା ।ଗୋରା ମାନଙ୍କର ଏକ ସମସ୍ୟା ରହିଛି ଯେ ସେମାନେ ଭାବନ୍ତି କଳା ଦେଶ ମାନଙ୍କୁ ଉପଦେଶ ଦେବାର ଅଧିକାର କେବଳ ତାଙ୍କର ରହିଛି । ସେମାନେ ଅନ୍ୟ ଦେଶ ମାନଙ୍କରେ କିପରି ହେବା ଆବଶ୍ୟକ ସେ ବିଷୟରେ ପ୍ରବଚନ ଦେଇ ପାରିବେ । ତେଣୁ ଭାରତ ସରକାରଙ୍କର କାନାଡାର ପ୍ରଧାନମନ୍ତ୍ରୀ ଟ୍ରୁଡୋଙ୍କୁ ରୋକ ଠୋକ ଭାବେ ଦିଆଯାଇଥିବା ବାର୍ତା ପସନ୍ଦ ଆସି ନ ଥିବା ସ୍ୱାଭବିକ । ଏହା ପରେ ଟ୍ରୁଡୋ ଭାରତରୁ ଫେରିବା ପରେ ଭାରତକୁ କାଠଗଡାରେ ଠିଆ କରାଇବାକୁ ଚେଷ୍ଟା କରିଥିଲେ । ଟ୍ରୁଡୋ କାନାଡା ସଂସଦରେ କହିଥିଲେ ଯେ ହରଦୀପ ସିଂହ ନିଜ୍ଜର ନାମକ ଏକ ବ୍ୟକ୍ତିର ହତ୍ୟା ପଛରେ ଭାରତର ହାତ ରହିଛି । ଏହା ପରେ କାନାଡା ଭାରତର ଜଣେ କୂଟନୀତିଜ୍ଞଙ୍କୁ ଦେଶରୁ ବାହାର କରିବାକୁ କହିଥିଲା । ଏହି ବ୍ୟକ୍ତି ଜଣେ ସାଧାରଣ ବ୍ୟକ୍ତି ନୁହେଁ । ଏହି ବ୍ୟକ୍ତି ଜଣେ ଖଲିସ୍ତାନୀ ଆତଙ୍କବାଦୀ । ଭାରତର ଏନଆଇଏ ଏହି ବ୍ୟକ୍ତିକୁ ଧରିବାକୁ ଚେଷ୍ଟା କରୁଛି । ଏଭଳି ଜଣେ ବ୍ୟକ୍ତି ଯାହାଙ୍କୁ ଭାରତର ଜାଂଚ ଏଜେନ୍ସୀ ମାନେ ଖୋଜୁଥିଲେ, ଯାହା ବିରୁଦ୍ଧରେ ଭାରତରେ ହିଂସାକରିବା ଓ ଭାରତକୁ ଖଂଡ ବିଖଂଡିତ କରିବାର ଚେଷ୍ଟା କରିବାର ଅଭିଯୋଗ ରହିଛି, ସେହି ଭଳି ବ୍ୟକ୍ତିର ସମର୍ଥନରେ କାନାଡାର ପ୍ରଧାନମନ୍ତ୍ରୀ ଟ୍ରୁଡୋ ଖୋଲାଖୋଲି ଭାବେ ବାହାରିବା ସେ କିଭଳି ଭାବେ ନିଜର ସରକାର ବଂଚାଇବାକୁ ଖଲିସ୍ତାନୀ ମାନଙ୍କର ହାତର କ୍ରିଡନକ ସାଜିଛନ୍ତି ତାହା ସ୍ପଷ୍ଟ କରୁଛି । ତେବେ ଭାରତର କୂଟନୀତିଜ୍ଞଙ୍କୁ ବହିଷ୍କାର କରିବା ପରେ ଭାରତ ଯାହା କଲା ତାହା କାନାଡା କେବେ ଚିନ୍ତା ମଧ୍ୟ କରି ନ ଥିଲା । ପ୍ରଥମେ ଭାରତ ସରକାର ଏକ ବକ୍ତବ୍ୟ ଜାରୀ କରି ଟ୍ରୁଡୋଙ୍କ ବକ୍ତବ୍ୟକୁ ଆବସର୍ଡ ବୋଲି କହିବା ସହ ଏହାକୁ ଖାରଜ କରିଥିଲେ । ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଏଭଳି ଭିତିହୀନ ଅଭିଯୋଗ କାନାଡା ସରକାର ପକ୍ଷରୁ ଆତଙ୍କବାଦୀ ମାନଙ୍କ ଉପରେ ଧ୍ୟାନ ହଟାଇବାକୁ କରାଯାଇଛି । ଏଭଳି ଆତଙ୍କବାଦୀ ମାନଙ୍କୁ କାନାଡାରେ ଶରଣ ଦିଆଯାଉଛି । ଏହା ଭାରତର ସଂପ୍ରଭୁତା ଓ କ୍ଷେତ୍ରୀୟ ଅଖଂଡତା ପାଇଁ ବିପଦ । ଏହା ପରେ ଭାରତ ମଧ୍ୟ କାନାଡାର ରାଷ୍ଟ୍ରଦୂତଙ୍କୁ ସମନ କରି ବିନା ଚାରି ମିନିଟ ମଧ୍ୟରେ ହାତରେ ପତ୍ର ଧରାଇ କାନାଡାର ଜଣେ କୂଟନୀତିଜ୍ଞଙ୍କୁ ପାଂଚ ଦିନ ମଧ୍ୟରେ ଭାରତ ଛାଡି ଚାଲିଯିବାକୁ କହିଥିଲା । କାନାଡାର ସରକାର ଓ ରାଷ୍ଟ୍ରଦୂତ ନିଶ୍ଚିତ ଭାବେ ଭାବୁଥିବେ, ଯେ ଭାରତର ଆଭିମୁଖ୍ୟରେ ଏଭଳି ପରିବର୍ତନ କିଭଳି ଆସି ଯାଇଛି । ପୂର୍ବରୁ ଭାରତର ନେତୃତ୍ୱ ଗୋରା ମାନଙ୍କୁ ଦେଖିଲେ ନତ ମସ୍ତକ ହେଉଥିଲା, ହେଲେ ଏବେର ଭାରତ ଗୋରା ଦେଶ ମାନଙ୍କୁ ଯେସାକୁ ତେସା ନୀତି ପ୍ରୟୋଗ କରୁଛି । ଏହା ତାଙ୍କୁ ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ କରୁଥିବ, ଏଥିରେ ସନ୍ଦେହ ନାହିଁ । ଖଲିସ୍ତାନୀ ମାନଙ୍କର ଚାପରେ ଏଭଳି ବିନା କୌଣସି ତଥ୍ୟ ପ୍ରମାଣରେ ଭାରତ ବିରୁଦ୍ଧରେ ଅଭିଯୋଗ ଆଣିବା ପରେ ଉଭୟ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଖରାପ ହେବା ନିଶ୍ଚିତ ଥିଲା । କାନାଡା କେବଳ ସେତିକିରେ ଅଟକି ଯାଇ ନ ଥିଲା । କାନାଡା ସରକାର ଏକ ଆଡଭାଇଜରୀ ଜାରୀ କରି ଭାରତରେ କାନାଡାର ନାଗରିକ ମାନଙ୍କୁ ସାବଧାନତା ଅବଲମ୍ବନ କରିବାକୁ କହିଥିଲେ । ଏପରି କରି କାନାଡା ଏକ ପ୍ରକାର ଭାରତକୁ ଟାର୍ଗେଟ କରିଥିଲା । ହେଲେ କାନାଡାର ଏଭଳି ଆଡଭାଇଜରୀ ପରେ ଭାରତ କାହିଁକି ଚୁପ ରହନ୍ତା । କାରଣ ବର୍ତମାନର ଭାରତ ପୂର୍ବର ଭାରତ ନୁହେଁ। ବର୍ତମାନର ଭାରତ ନିଜର ରାଷ୍ଟ୍ରୀୟ ସ୍ୱାର୍ଥ ପାଇଁ କିଛି ବି କରିବାକୁ ପ୍ରସ୍ତୁତ । ଭାରତ ଏହା ପରେ ଅତ୍ୟନ୍ତ କଠୋର ପ୍ରତିକ୍ରିୟା ଦେଇଥିଲା । ଭାରତର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଭାରତର ନାଗରିକ ଓ ଭାରତୀୟ ଛାତ୍ର ମାନଙ୍କ ପାଇଁ ଏକ ଆଡଭାଇଜରୀ ଜାରୀ କରାଯାଇଥିଲା । ଏଥିରେ ଯେଉଁ ଶବ୍ଦ ପ୍ରୟୋଗ କରାଯାଇଥିଲା ତାହା ଅତ୍ୟନ୍ତ କଠୋର ଥିଲା । ଏଥିରେ କୁହା ଯାଇଥିଲା ଯେ କାନାଡାରେ ବଢୁଥିବା ଭାରତ ବିରୋଧୀ କାର୍ଯ୍ୟକଳାପ. ରାଜନୈତିକ ସମର୍ଥନ ପ୍ରାପ୍ତ ଅପରାଧ ତଥା ହିଂସାକୁ ଦେଖି ସେଠାରେ ଉପସ୍ଥିତ ଥିବା ଓ ସେଠାକୁ ଯାତ୍ରା କରିବାକୁ ଚାହୁଁଥିବା ଭାରତୀୟ ନାଗରିକ ମାନଙ୍କୁ ଅତ୍ୟନ୍ତ ସାବଧାନତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଉଛି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରୀ ଏହି ବକ୍ତବ୍ୟରେ କାନାଡାରେ ଭାରତ ବିରୋଧୀ କାର୍ଯ୍ୟକଳାପକୁ ରାଜନୈତିକ ସମର୍ଥନ ଦିଆଯାଉଥିବା କଥା ଉଲ୍ଲେଖ କରି କାନାଡାକୁ ଟାର୍ଗେଟ କରାଯାଇଛି। ଗୋଟିଏ ପ୍ରକାରରେ ଆତଙ୍କବାଦର ମୂଳ କେନ୍ଦ୍ର ପାକିସ୍ତାନ ପ୍ରତି ଭାରତ ଯେଉଁ ଭଳି ଭାଷାର ବ୍ୟବହାର କରେ ସେହିଭଳି ଭାଷା କାନାଡା ପାଇଁ ପ୍ରୟୋଗ କରାଯାଇଛି । ଏହି ସମ୍ପୂର୍ଣ୍ଣ ପ୍ରକରଣରୁ ସ୍ପଷ୍ଟ ହେଉଛି ଯେ ଜଷ୍ଟିନ ଟ୍ରୁଡୋ ପୂରାପୁରି ଭାବେ ଖଲିସ୍ତାନୀ ମାନଙ୍କ କଥାରେ ପରିଚାଳିତ ହେଉଛନ୍ତି । ଏହା ତାଙ୍କର ରାଜନୈତିକ ବାଧ୍ୟବାଧକତା ହୋଇଥାଇ ପାରେ । ତାଙ୍କର ସଂଖ୍ୟାଲଘୁ ସରକାରକୁ ଚଳାଇବାକୁ ଖଲିସ୍ତାନୀ ମାନଙ୍କର ସମର୍ଥନ ତାଙ୍କର ଜରୁରୀ । ତେଣୁ ସେ କୌଣସି ସ୍ତର ଯାଏ ଯାଇ ପାରନ୍ତି । ତେବେ କାନାଡାରେ ଜଷ୍ଟିନ ଟ୍ରୁଡୋଙ୍କ ଏଭଳି କାମ ପାଇଁ ତାଙ୍କର ବିରୋଧ ଆରମ୍ଭ ହେଲାଣି । ଏବେ କାନ୍ଡା ସରକାର ପକ୍ଷରୁ ଭାରତ ବିରୁଦ୍ଧରେ ସାଂକସନ ଲଗାଇବାକୁ ଧମକ ଦିଆଯିବା କଥା ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେଲାଣି । କାନାଡାକୁ ବୁଝି ରଖିବା ଉଚିତ ଯେ ଭାରତ ତାର ରାଷ୍ଟ୍ରୀୟ ସ୍ୱାର୍ଥର ସୁରକ୍ଷା ପାଇଁ କିଛି ହେଲେ କରିବାକୁ ପ୍ରସ୍ତୁତ । ଯେତେବେଳେ ବାଜପେୟୀ ପ୍ରଧାନମନ୍ତ୍ରୀ ଥିଲେ ଓ ଭାରତ ପରମାଣୁ ବିସ୍ଫୋରଣ କରିଥିଲା ସେତେବେଳେ ମଧ୍ୟ ବିଭିନ୍ନ ଦେଶ ଭାରତ ଉପରେ କଟକଣା ଲଗାଇଥିଲେ । ହେଲେ ଭାରତ ଏହାର ସଫଳତାର ସହ ମୁକାବିଲା କରିଥିଲା । ସେତେବେଳର ସ୍ଥିତି ମଧ୍ୟ ଭିନ୍ନ ଥିଲା । ବର୍ତମାନ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ । ବର୍ତମାନ ଭାରତ ବିରୁଦ୍ଧରେ କଟକଣା ଲଗାଇଲେ ଭାରତର କ୍ଷତି କମ ହେବ ଉକ୍ତ ଦେଶର କ୍ଷତି ଅଧିକ ହେବ । ୨୦୧୪ ମସିହା ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଏକ ଭିନ୍ନ ଭାରତରେ ପରିଣତ ହୋଇ ସାରିଛି । ଏହି ଭାରତ ଗୋରା ମାନଙ୍କୁ ଦେଖି ଦଣ୍ଡବତ ହେଉ ନାହିଁ ବରଂ ସେମାନଙ୍କୁ ଯେସାକୁ ତେସା ନୀତିରେ ଜବାବ ଦେଉଛି । ଭାରତ ବିରୁଦ୍ଧରେ ଷଡଯନ୍ତ୍ର କରୁଥିବା ଶକ୍ତି ମାନଙ୍କୁ ଶରଣ ଦେଇ ଜଷ୍ଟିନ ଟ୍ରୁଡୋ ଯାହା କରୁଛନ୍ତି ତାହାର ମୂଲ୍ୟ ଆଗାମୀ ସମୟରେ କାନାଡାକୁ ନିଶ୍ଚିତ ଭାବେ ଦେବାକୁ ପଡିବ ଏଥିରେ କାହାକୁ ସନ୍ଦେହ ରହିବା ଉଚିତ ନୁହେଁ ।

# ପୁରାଣ କଥା, ପୁରୁଣା କଥା



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଆମ ହିନ୍ଦୁ ଧର୍ମରେ ୧୮ଶଟି ପୁରାଣ, ଏ ମଧ୍ୟରେ ମହାଭାରତ ଏକ ଭିନ୍ନ ଶାସ୍ତ୍ର ପୁଣି ଏଇ ମହାଭାରତରେ ଏକ ବିଶେଷ ଅଂଶ ଭଗବତ ଗୀତା, ମହାଭାରତରେ ୧୮ଟି ପର୍ବ ଗୀତାରେ ୧୮ଟି ଅଧ୍ୟାୟ, ଅକ୍ଷରରୁ ଅଙ୍କ ଓ ଅଙ୍କ ଶାସ୍ତ୍ରର ନିୟମ ଅଙ୍କ ମାନଙ୍କର ଓଲଟ ଗଣନା ଏଥିରୁ କରାଯିବ। ଏଇ ୧୮ ହେଉଛି ଜୟ ଅକ୍ଷରର ଅଙ୍କର ଚମତ୍କାର ପ୍ରକୃତିରେ ଏହା ୟଜ ବା ୟ, ଜ ଓଲଟ ହେତୁ ଜୟ ହେଉଛି। ମହାଭାରତର ନାମ ରଖାଯାଇଛି ଜୟଶାସ୍ତ୍ର। ଜୟ କଥା ଉଠିଲେ ଯୁଦ୍ଧ ଯେ ଅଛି ଏକଥା ନିଶ୍ଚିନ୍ତ ଯୁଦ୍ଧର ଭିତ୍ତି ଏ ଶାସ୍ତ୍ରରେ ଅନେକ ରହିଲେ ବି ମହାଭାରତ ଯୁଦ୍ଧ ଏଥିରେ ମୁଖ୍ୟ ବିଷୟ। କଳ୍ପନା କରାଯାଇଛି କୌରବଙ୍କର ଏକ ଶତଭାଇ ପାଣ୍ଡବ ପାଞ୍ଚ ଭାଇ ଏଥିରେ ଯୁଦ୍ଧ ଦାନା ବାନ୍ଧିଛି। ଜିତାପଟ ପାଣ୍ଡବଙ୍କର ହୋଇଛି। ହାତି, ରଥ, ଘୋଡ଼ା, ପଦାତିକ ଆଉ ମାରାତ୍ମକ ମରଣାସ୍ତ୍ର ସହିତ ଗୋଷ୍ଠୀ ସେନା ବଳରେ ୧୧ ଅକ୍ଷୌହିଣୀ କୌରବଙ୍କର ଆଉ ପାଣ୍ଡବଙ୍କର ୭ ଅକ୍ଷୌହିଣୀର ସୈନ୍ୟବଳ ଯୁଦ୍ଧରେ ପୌରୁଷ ଓ ଦୈବ ମିଶି ରହିଛି। ଏଥିରେ କେତେ ଧନ ଜନ ପଶୁକ୍ଷୟ କି ଅସ୍ତ୍ରାଘାତରେ ବିକଳ କ୍ରନ୍ଦନ ଏହା ଯୁଦ୍ଧଭୂମିରେ କାହା ମନରେ ଦୟା ଆଣୁ ନଥିଲା କ୍ଷୟ ହୋଇ ହୋଇ ମାତ୍ର ହାତଗଣତି ବ୍ୟକ୍ତି ବଞ୍ଚିଲେ। କୌରବଙ୍କ ନେତା ଦୁର୍ଯ୍ୟୋଧନ ତାର ଆଉ ଅନେଶତ ଭାଇ ସେଥିରୁ ପୁଣି ଜଣେ ଦୁଃଶାସନ। ଦୁର୍ଯ୍ୟୋଧନ ପ୍ରଜାପାଳନ କର ଆଦୟର ରାଜଧର୍ମ ଦାୟିତ୍ୱ ନିର୍ବାହ ପାଇଁ ପିତା ଅନ୍ଧରାଜାର ସମ୍ମତି ପାଇ ଯାଇଛନ୍ତି। ପିତା ଜନ୍ମାନ୍ଧ ସେ ଦେଖିପାରୁନାହାଁନ୍ତି ତା ଅର୍ଥ ଲଜ୍ୟା ମୁଖରେ ନାହିଁ। ଶରୀର ଭାଷା ସେ କାହାର ଦେଖି ଅନୁଭବ କରିବା ସମ୍ଭବନୁହଁ। କୌଣସି ଲିଖିତ ଦରଖାସ୍ତ ସେ ପ୍ରତ୍ୟକ୍ଷ କରିପାରିବେ ନାହିଁ। ଏସବୁ ତାଙ୍କର ବିଶ୍ୱାସୀ ବଡ଼ପୁଅ ଯୁବରାଜ ଦୁର୍ଯ୍ୟୋଧନ ତୁଲାଏ। କିନ୍ତୁ ଦୁର୍ଯ୍ୟୋଧନ ବାହୁଚ୍ଛାୟା ଆଦେଶରେ ଦୁଃଶାସନରରେ ପ୍ରଜା ତ୍ରାହି ତ୍ରାହି ହେଲେ ଗୁହାରୀ କଲେ ବ୍ୟକ୍ତି ନାମ ଧରାପଡୁଛନ୍ତି ସେ ଉତପୀଡ଼ନ ଶିକାର ଥିଲା ଏହାପରେ ଆହୁରୀ ଉତପୀଡ଼ନ ତହିଁରେ ଯୋଡ଼ି ହୋଇଯାଏ। ପ୍ରଜାର ସାଧାରଣ ଅଧିକାର ତତ୍କାଳ ଶାସନତନ୍ତ୍ର ଭୟଙ୍କର ଭାବରେ ରାଜଦଣ୍ଡ ଯୁକ୍ତ କରାଯାଇଛି କାଗଜ କହୁଛି ଏ ଶାସନ ଲୋକେ ଭୋଗୁଛନ୍ତି ଭିନ୍ନ ଶାସନ। ଏକ ଚିତ ବ୍ୟକ୍ତିଙ୍କର ଏକତା ବଡ଼ ଦୁଇ ଭାଇ କଣ କରୁଛନ୍ତି ଏଥିରେ ୯୮ ଜଣ ନିରବ ଦ୍ରଷ୍ଟା ଏମାନେ ଭୋଜ୍ୟ ପେୟ ବାସଗୃହ ବିଳାସ ବ୍ୟବସନରେ ରାଜକୀୟ ଛଟା ଅନୁଭବରେ ଅଛନ୍ତି। ବଡ଼ଭାଇ ବନାମ ରାଜ ପ୍ରଶାସନରେ ଏମାନେ ସତୀ ଦେଖିଲେ ବି ଆଖିବୁଜି ରହନ୍ତି। ଏମାନଙ୍କର ସ୍ୱର ରୁଦ୍ଧ ସବସେ ଚୁପ ଭଲାରେ ସମୟ କାଟି ସୁଖରେ ବସତି କରିବା ସେ ଶ୍ରେୟ ମନେ କରୁଛନ୍ତି। ସର୍ବଦା ନୀରସ୍ତ୍ରୀକରଣ ପଦ୍ଧତି ଅଛି। ଏକ ବଡ଼ ଜନସଭାରେ ଏକ ଧର୍ମସ୍ଥଳୀରେ ଲୋକ ଯଦି ଅସ୍ତ୍ରସହ ଆସିବେ ତେବେ କଥାରେ କଥାରେ ହତିଆର ଚାଲିବା ପରିସ୍ଥିତି ଉପୁଜିପାରେ ଏଣୁ ପ୍ରବେଶ ପଥରୁ ଅସ୍ତ୍ର କାଢ଼ିନେଲେ କଥା ସରିବ। କୌରବଙ୍କ ତିନିଭାଇ ଭାରରୁ ଶତତମ ଭାଇ ଯାଏ ଅସ୍ତ୍ର ଚାଳନା ରୁଦ୍ଧ କରାଯାଇ ତାକୁ ନିରସ୍ତ୍ରୀ କରଣରେ ରଖାଯାଇଥିଲା, ଘଟଣା ଦେଖ ଏହା ବିପକ୍ଷରେ ସ୍ୱର ବି ଉତ୍ତୋଳନା କରନା। ଏମିତି ଆଦେଶ ଦୁର୍ଯ୍ୟୋଧନ ଦୁଃଶାସନ କରିଥିଲେ। ସେ ରାଜ ପ୍ରଶଂସା କରିବାରେ ବାଧା ନାହିଁ ମାତ୍ର ପ୍ରଜା ଦୁଃଖରେ ମ୍ରିୟମାଣ ହୋଇପାରିବେ ନାହିଁ ଏମିତି ଏକ ପ୍ରଶାସନ। ଏକ ଖେଳରେ ହାର ଜିତ ଅଛି। ଏଥିରେ କପଟ ଖେଳ କରି ପାଣ୍ଡବଙ୍କୁ ହରାଇ ଦିଆଯାଇଛି। ସେମାନେ ନିରୁପାୟ ତାଙ୍କର ଅଧିକାର ସଂକୁଚିତ କରାଇ ଦିଆଯାଇଛି ତାଙ୍କରି ଆଗରେ ସେମାନଙ୍କର ପତ୍ନୀକୁ ଉଲଗ୍ନ କରାଯାଉଛି। ଏହି ରାଜ ସଭାରେ ଏଥିରେ ଦୁର୍ଯ୍ୟୋଧନ ରାଜ ପରିଷଦରେ ବସିବା ଲୋକ ନିର୍ବାକ, ଦୁର୍ଯ୍ୟୋଧନଙ୍କର ୯୮ ଭାଇ ବି ନିର୍ବାକ କୌରବଙ୍କ ଅନ୍ତଃପୁର ଲାଳନା ମାନେ ବି ନିରୁତ୍ତର ଏ ଅନ୍ୟାୟ ଏକଥା କେହି କହିବାର ସ୍ୱର ନଥିଲା। ସେତିକିରେ ସରିଲା ନାହିଁ। ପାଣ୍ଡବମାନେ ରାଜବାଟୀ ରାଜ ସୁବିଧା ହରାଇ ଜଙ୍ଗଲକୁ ବାରବର୍ଷ ଯିବେ। ଏ ବାର ବର୍ଷ ପରେ ଏକ ବର୍ଷ ଅଜ୍ଞାତବାସରେ ରହିଲେ ଯଦି ଧରାପଡ଼ନ୍ତି ପୁନଃ ବାର ବର୍ଷ। ଏପରି ନିର୍ବାସନ ଦଣ୍ଡରେ ବି କେହି ମୁହଁ ଖୋଲି ନଥିଲେ। ଏହି ପ୍ରଶାସନର ଛଳନା କେତେ ଭୟାବହ। ତତ୍କାଳୀନ ମାନବିକତାରେ ରାଜ ସପକ୍ଷ ଚିନ୍ତାଧାରା ପୂର୍ଣ୍ଣ ରହିଥିଲା। କୌରବରେ ଆତ୍ମସନ୍ତୋଷ ପଦାକୁ ଆସିପାରୁ ନଥିଲା ତେବେ ଆସିଥିଲା ସେ ୯୮ ରୁ ଜଣେ ମହାଭାରତ ଯୁଦ୍ଧରେ ଦଳ ବଦଳ ବେଳେ ଦୁର୍ଦ୍ଦକ୍ଷ କୌରବ ପକ୍ଷ ଛାଡ଼ି ପାଣ୍ଡବ ପକ୍ଷରେ ଯୋଗ ଦେଇଥିଲେ।

ନାମକରଣର ଅର୍ଥ କଲେ ଦୁର୍ଯ୍ୟୋଧନ, ଦୁଃଶାସନ, ଦୁର୍ଦ୍ଦକ୍ଷ ଏସବୁରେ ଦୁ ଲାଗିଛି। ଏମାନେ ଧନ ପ୍ରଶାସନର ଆତ୍ମଚରିତାର୍ଥର ଭିନ୍ନ ପଥ ଦେଖୁଥିଲେ। ଦୁର୍ଦ୍ଦକ୍ଷ ଦକ୍ଷ ହୋଇବି କାନୁନ ବନ୍ଧନରେ ପଡ଼ି ଖାଲି କୁଦି ହେବାକଥା କାନୁନ ଏତେ କଡ଼ାକଡ଼ି ଦୁର୍ଦ୍ଦକ୍ଷଙ୍କର ଆୱାଜ ପଦାକୁ ଆସିପାରୁନଥିଲା। ଯୁଦ୍ଧରେ ଦୁର୍ଦ୍ଦକ୍ଷ ପାଣ୍ଡପ ପକ୍ଷରେ ଲଢ଼ାଇ କରି ବଞ୍ଚି ଯାଇଥିଲେ ମାତ୍ର ସ୍ୱ ମାତାଙ୍କର ଅଗ୍ନୀଦୃଷ୍ଟିରେ ପୋଡ଼ି ଧ୍ୱଂସ ହୋଇଯାଇଥିଲେ। ଏକ ପ୍ରଶାସନ ଠିକ ଚାଲୁଛି ଠିକ ରାଜଧର୍ମ ରକ୍ଷା ହେଉଛି କି ନାହିଁର ପୁଣି କଣ କଲେ ରାଷ୍ଟ୍ର ମଙ୍ଗଳ ହୋଇପାରିବ ଏପରି ମତ ଦେବା ଲୋକର ସ୍ୱରକୁ ଦୁର୍ଦ୍ଦାନ୍ତ ପ୍ରଶାସନରେ ଥିବା ରାଜା ବଳ ଲଗାଇ ଚାପି ଦିଅନ୍ତି। ମୁଁ ଧ୍ୱଂସ ଏଥିରେ ହିଁ ଲୁଚି ରହିଥାଏ। ପାର୍ଲିଆମେଣ୍ଟ ହଉ ଆସେମ୍ବ୍ଲି ହେଉ ଏଥିରେ ଥିବା ଆସନ ଗୁଡ଼ିକର ସଂଖ୍ୟାକୁ ଶତକଡ଼ାରେ ଧରିଲେ ଶାସନରେ ଆସିବା ଦଳ ଯଦି ଦୁର୍ଯ୍ୟୋଧନ ଦୁଃଶାସନର ପ୍ରକୃତିର ହେବେ ଓ ତାଙ୍କ ଦଳର ଅନ୍ୟ ସଦସ୍ୟ ଚୁପ ରହିବେ ତେବେ ପର ନିର୍ବାଚନରେ କିଛି ଦଳ ବଦଳ ହେବ ଓ ଜନତା ଅବହେଳିତ ଥିଲେ ଭୋଟରେ ଭିଟୋ ପ୍ରୟୋଗ କରିପାରନ୍ତି। ହେଲେ କେତେ ଦଳ ଟଙ୍କା, କଥା ଥୋପ, ମଦ ପିଆଇ, ମାଂସଭୋଜୀ ଦେଇ ଲୋକଙ୍କୁ କ୍ଷଣିକ ଭୁଲାଇ କେତେ ଦିନରାଜ କରିବେ। କେତେ ଭୟ ପ୍ରଦର୍ଶନ କରାଇବେ। ଏମିତି ସମୟ ଆସିବ ସବୁ ନିଶ୍ଚିହ୍ନ ହୋଇଯିବ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩

## ସେପ୍ଟେମ୍ବର ୨୪ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବ

# ଭବ ସାଗର ତାରଣ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମାନବଜାତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲେ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର । ମାନବଜାତିର କଲ୍ୟାଣ ପାଇଁ ସେ ବହୁ ଉପଦେଶ ଦେଇଯାଇଛନ୍ତି । ମଣିଷର ଜୀବନ ଈଶ୍ୱର ଓ ଅନ୍ୟମାନଙ୍କ ସେବା ଲାଗି ଉଦ୍ଦିଷ୍ଟ ବୋଲି ସେ କହୁଥିଲେ । ସମାଜ ସେବାରେ ହିଁ ମଣିଷ ଜୀବନର ସାର୍ଥକତା । ବୃକ୍ଷଲତା, ପଶୁପକ୍ଷୀ ଆଦି ସହଜାତ ଭାବେ କେବଳ ନିଜ ପାଇଁ ଜୀବନଧାରଣ କରନ୍ତି । ତଥାପି ମଣିଷ ସେମାନଙ୍କ ଦ୍ୱାରା ଉପକୃତ ହୁଏ । ନିଜ ଅଜାଣତରେ ସେମାନେ ମଣିଷର ଉପକାର କରିଥାଆନ୍ତି । ମଣିଷ ସ୍ଥାନ ସେମାନଙ୍କ ଠାରୁ ଉପରେ । ସେବା ପାଇଁ ମଣିଷର ଜନ୍ମ । ତେବେ ଆଜିର ମଣିଷ ନିଜର କର୍ତବ୍ୟ ଦଗରେ ସଚେତନ ନୁହେଁ । ଅହଂଭାବ, ସ୍ୱାର୍ଥପରତା ଆଦି ଯୋଗୁଁ ଆଜି ଆମେ ବସୁଧୈବ କୁଟୁମ୍ବକମ୍ ଆଦର୍ଶକୁ ଭୁଲିଗଲେଣି । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଧ୍ୟାତ୍ମିକ ମାର୍ଗଦର୍ଶନ କରି କହିଛନ୍ତି – 'ଯାହା ବୃଦ୍ଧି ପ୍ରାପ୍ତ ହୋଇ ଯାହାକିଛି ହୋଇ ମଧ୍ୟ ତାହା ହିଁ ରହିଛି – ତାହା ହିଁ ବ୍ରହ୍ମ । ଜଗତର ସମସ୍ତ ଐଶ୍ୱର୍ଯ୍ୟ ଜାଣିବା, ଭଲ ପାଇବା ଓ କର୍ମ – ଯାହାଙ୍କ ଭିତରେ ସହଜ – ଉତ୍ସାରିତ, ଆଉ ଯାହାଙ୍କ ପ୍ରତି ଆସକ୍ତିରେ ମଣିଷର ବିଚ୍ଛିନ୍ନ ଜୀବନ ଓ ଜଗତର ସମସ୍ତ ବିରୋଧର ଚରମ ସମାଧାନ ଲାଭହୁଏ – ସେ ହିଁ ମଣିଷର ଭଗବାନ । ଭଗବାନଙ୍କୁ ଜାଣିବା ମାନେ ହିଁ ସମସ୍ତଟାକୁ ବୁଝିବା ବା ଜାଣିବା ।' ପରମ ପ୍ରେମମୟ ଠାକୁର କହିଛନ୍ତି, ଅର୍ଥ, ମାନ, ଯଶ ଆଦି ପାଇବା ପାଇଁ ମତେ ଠାକୁର ରୂପେ ସଜାଇ, ଭକ୍ତ ହୁଅନାହିଁ । ତୁମ ମଧ୍ୟରେ ଦେବତ୍ୱ ଜାଗ୍ରତ ନହେଲେ, ସବୁ ପୂଜା ନିରର୍ଥକ । ବନ୍ଧୁ ଅସତ୍ ହେଲେ ବି ତ୍ୟାଗ କରନାହିଁ । ଅନ୍ତରରେ ଶ୍ରଦ୍ଧା ରଖି ବିପଦଆପଦ ବେଳେ ସାହାଯ୍ୟ କର । ଆଉ ସେ ଅନୁତପ୍ତ ହେଲେ ଆଲିଙ୍ଗନ କର । ଠାକୁର ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । କାରଣ ସମସ୍ତେ ପରମାତ୍ମାଙ୍କ ସତାର ଅଂଶ । ତେଣୁ ସମସ୍ତେ, ସମସ୍ତଙ୍କୁ ଭଲପାଇବା ଉଚିତ ।ପରମପ୍ରେମମୟ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଦିବ୍ୟଜୀବନ କେବଳ ରକ୍ତମାଂସ ଗଠିତ ଶରୀର ଭିତରେ ସୀମିତ ନୁହେଁ । ଯାହାଙ୍କ ଆଧାତ୍ମିକ ମାର୍ଗଦର୍ଶନ ମୁକ୍ତି ଅନ୍ୱେଷୀମାନଙ୍କୁ ଉଦ୍‌ବୁଦ୍ଧ କରିବା ସହ ଦିବ୍ୟ ଜୀବନ ଅଧିକାରୀ ହେବା ପାଇଁ ପ୍ରେରଣା ଯୋଗାଇ ଅନୁପ୍ରାଣିତ କରୁଛି । ଯେପରି ସୀମାହୀନ ମହାସିନ୍ଧୁର ନୀଳ ଜଳରାଶି, ଫେନିଳ ତରଙ୍ଗାଳୀ ଅବଲୋକନ କରି ଭାବବିହ୍ୱଳ ହେବା ଛଡ଼ା କାହାର ସାଧ ନାହିଁ ଜଳରାଶିର ଗଭୀରତା ଓ ବିସ୍ତୀର୍ଣ୍ଣତାର ପରିସୀମାକୁ ମାପିବାକୁ । କେବଳ ମାତ୍ର ଭାବନାହୀନ ତନ୍ମୟତାରେ ସାଗରର କୂଳ ଦେଶର ମୃତ ବାଲୁକା ଶଯ୍ୟାରେ ପଦାଚାରଣା କରିବା ଛଡ଼ା ଆଉ କିଛି ସମ୍ଭବ ନୁହେଁ । ପୂର୍ଣ୍ଣବ୍ରହ୍ମ ଶ୍ରୀ ଶ୍ରୀ ପୁରୁଷୋତ୍ତମଙ୍କ ଦିବ୍ୟଲୀଳା ମାଧୁରୀକୁ ଅବତରଣ କରି ଏହା କୁହାଯାଇପାରେ ସାଗରର ମଧ୍ୟ ଶେଷ ଅଛି ସୀମା ମଧ୍ୟ ଅଛି । ତେଣୁ ସାଗର ଅନନ୍ତ ନୁହେଁ କି ଅସୀମ ନୁହେଁ । ଜଣେ ହିଁ ଅନନ୍ତ ଓ ଅସୀମ, ସେ ହେଉଛନ୍ତି ପୁରୁଷୋତ୍ତମ । ଆଶ୍ରିତଜନଙ୍କୁ କୃପା କରି ସସୀମ ରୂପରେ ଲୀଳା ପ୍ରକଟ କରିଛନ୍ତି । ଅବିଭକ୍ତ ବଂଗଭୂମିର ପାବନା ଜିଲ୍ଲାର ଗୋୟାଁଖାନା ନିବାସୀ ଶିବଚନ୍ଦ୍ର ଚକ୍ରବର୍ତ୍ତୀ ଓ ମାତା ମନମୋହିନୀଙ୍କର କୋଳମଣ୍ଡନ କରିଥିଲେ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ର । ସେ ମାହେନ୍ଦ୍ର ମୁହୂର୍ତ୍ତ ଥିଲା ୧୨୯୫ ବଙ୍ଗଳା ସାଲର ଭାଦ୍ରବ ମାସର ୩୦ ଦିନ ଶୁକ୍ଳପକ୍ଷ, ଇଂରାଜୀ ବର୍ଷ ଅନୁଯାୟୀ ୧୮୮୮ ମସିହା। ଜନ୍ମ ହେବାର ନବମ ମାସରେ ଅନ୍ନପ୍ରାଶନ୍ନ ଉତ୍ସବରେ ମାତା ମନମୋହିନୀ ଦେବୀ କବିତାଟିଏ ଲେଖିଥିଲେ ଯାହାର ପ୍ରଥମ ଅକ୍ଷରଗୁଡ଼ିକ ସମ୍ମିଳନରେ ଥିଲା 'ଅନୁକୂଳ' ।ଯୁଗ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ଭବ ସମୁଦ୍ର ମାନେ ହେବାର ସମୁଦ୍ର, ଚାଲିବାର ସମୁଦ୍ର। ଏହି ସମୁଦ୍ର ମଧ୍ୟରେ ସନ୍ତରଣ କରିବାକୁ ଗଲେ ଡଙ୍ଗାର ଖୁଣ୍ଟି ସହିତ ନିଜକୁ ଅଚ୍ୟୁତ ଅନୁରାଗ ରଜ୍ଜୁରେ ବାନ୍ଧି ନେଇ ଚାଲିବାକୁ ହୁଏ। ନ ହେଲେ ସ୍ରୋତ କେଉଁଠିକୁ ଭସାଇ ନେଇଯିବ ତାର ପତ୍ତା ନାହିଁ, ଡଙ୍ଗାର ଖୁଣ୍ଟ ହେଲେ ଶ୍ରୀଗୁରୁ ବା ଇଷ୍ଟ ପୁରୁଷୋତ୍ତମ। ସିଏ ପ୍ରବୃତ୍ତିକୁ ଚାଳନା କରନ୍ତି, କିନ୍ତୁ ପ୍ରବୃତ୍ତି ଦ୍ୱାରା ଚାଳିତ ହୁଅନ୍ତି ନାହିଁ। ସେଥିପାଇଁ ଭଗବାନ ଶ୍ରୀକୃଷ୍ଣ ଶ୍ରୀମଦ୍ ଭଗବତ ଗୀତାରେ କହିଛନ୍ତି। ଦୈବୀହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା, ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତିତେ। ଏହି ବିଶ୍ୱ ବ୍ରହ୍ମାଣ୍ଡର ସବୁକିଛି ବ୍ୟୋମ ମଧ୍ୟରେ ଅବସ୍ଥାନ କରୁଛି। ଏହି ଶୂନ୍ୟକୁ କୁହାଯାଏ ବ୍ୟୋମ ବିଶ୍ୱନାଥ, ବ୍ୟୋମ ହେଲା ଶବ୍ଦର ବିନ୍ୟାସ, ଯାହା ବ୍ୟାପ୍ତ ହୋଇଛି ସବୁକିଛି ମଧ୍ୟରେ। ଯାହା କିଛି ସୃଷ୍ଟି ହୋଇଛି ତାହା ବ୍ରହ୍ମ ଓ ସୃଷ୍ଟି କରିଛନ୍ତି ଯେ ସେ ହିଁ ବ୍ରହ୍ମା। ମହାଭାରତରେ ବ୍ରହ୍ମମାନେ ବୃଦ୍ଧି ବୋଲି ବର୍ଣ୍ଣନା କରାଯାଇଛି। ମୂଳରେ ସେହି ଏକ, ଆଉ ଯାହା କିଛି ସବୁ ଏକର ହିଁ ନାନା ପ୍ରକାର ଅଭିବ୍ୟକ୍ତି। ଏହା ଶାଶ୍ୱତ ଓ ଚିରନ୍ତନ। ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ଜଗତକୁ ମିଥ୍ୟା କହିଛନ୍ତି, କିନ୍ତୁ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଜଗତ ମିଥ୍ୟା ନୁହେଁ, ନଶ୍ୱର ଅର୍ଥ ଚିରସ୍ଥାୟୀ ନୁହେଁ। ସବୁକିଛି ପରିବର୍ତ୍ତନଶୀଳ। କୌଣସି ବସ୍ତୁ ନଷ୍ଟ ହୁଏ ନାହିଁ ବା ତାର ମୌଳିକ ଉପାଦାନ ମଧ୍ୟ ନଷ୍ଟ ହୁଏନାହିଁ। ତାହା ପରିବର୍ତ୍ତନ ହୁଏ ମାତ୍ର ନଶ୍ୱର ଅର୍ଥ ପରିବର୍ତ୍ତନଶୀଳ। ତେଣୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ପ୍ରକାଶ କଲେ ଜଗତ ନଶ୍ୱର, ମିଥ୍ୟା ନୁହେଁ। ଶ୍ରୀ ଶ୍ରୀ ଠାକୁର କହିଲେ କୃପା ମଧ୍ୟରେ ଅଛି କୃ ଓ ପା – ଅର୍ଥ କରିବା ଓ ପାଇବା। ଶ୍ରୀ ଶ୍ରୀ ଠାକୁର ଏହି ପ୍ରସଙ୍ଗରେ କହିଲେ – ଆନନ୍ଦ ମଧ୍ୟରେ ଅଛି ନିଷ୍ଠା, ଆନୁଗତ୍ୟ ଓ କୃତିସମ୍ବେଗ। ଏହି ତିନୋଟି ଯେତେବେଳେ ଏକମୁଖୀ ହୋଇ ଚାଲେ ସେତେବେଳେ ମନୁଷ୍ୟ ଆନନ୍ଦରେ ଭରପୁର ହୋଇଉଠେ। ପୁଣି ଆନନ୍ଦ ଆସିଛି ନନ୍ଦ ଧାତୁରୁ। ନନ୍ଦ ଧାତୁ ମଧ୍ୟରେ ଅଛି କମ୍ପନ, ଦୋଳାୟମାନ ଗତି ଓ ଢେଉ ଯଥା – ପ୍ରସାରଣ, ସଙ୍କୋଚନ ଓ ବିରମଣ। ଶାନ୍ତି ଆମ୍ଭେମାନେ କାହାକୁ କହୁ? ଆମ୍ଭମାନଙ୍କର ଅନ୍ତଃକରଣରେ ଯେପରି ବ୍ୟଥା ନ ଲାଗେ ସେହିପରି ଅବସ୍ଥା ଆସିଲେ ଶାନ୍ତି ମିଳେ। ଶାନ୍ତି ମାନେ ଉପରତି ବା ବିରାମ ନୁହେଁ। ମନ ମଧ୍ୟରେ ଯେତେବେଳେ ସମତା ଅବସ୍ଥା ଆସେ ତାହାକୁ ଶାନ୍ତି କୁହାଯାଏ। ବ୍ରହ୍ମାଣ୍ଡର ଉଦ୍ଦେଶ୍ୟ ସମ୍ବନ୍ଧରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଏହାର ଉଦ୍ଦେଶ୍ୟ ହେଉଛି ଲୀଳା, ଆଲିଙ୍ଗନ – ଗ୍ରହଣ ଓ ଉପଭୋଗ। ମୁଁ ତୁମକୁ ଜଡ଼ାଇ ଧରିଲି, ତୁମେ ମୋତେ ଜଡ଼ାଇ ଧରିଲ, ମୁଁ ତୁମକୁ ଗ୍ରହଣ କଲି, ତୁମେ ମୋତେ ଗ୍ରହଣ କରିଲ, ଯେପରି ଈଶ୍ୱର ବା ଗୁରୁ ପୂଜାରେ ଆମ୍ଭେମାନେ ନିୟୋଜିତ ହୋଇଛୁ। ଗୁରୁଙ୍କୁ ନ ମଣିବ ନର, ଗୁରୁ ହିଁ ସାକ୍ଷାତ ଈଶ୍ୱର। ଏହି ଗୁରୁର ଅର୍ଥ ହେଉଛି ସଦ୍‌ଗୁରୁ ବା ପୁରୁଷୋତ୍ତମ। ଆମେ ସମସ୍ତେ ମିଶି ଏକ ଫୁଲ୍‌ତୋଡା, ଯେପରି ଗୁରୁ ପୂଜା ବା ଇଷ୍ଟ ପୂଜାରେ ଲାଗିପାରୁ। ଏହି ଗୁରୁ ବା ଇଷ୍ଟଙ୍କୁ ବାଦ୍ ଦେଇ କୌଣସି ଲୀଳା ନାହିଁ। ଗୁରୁ ବା ଇଷ୍ଟଙ୍କୁ ବାଦ ଦେଇ ଯାହା ଅଛି ତାହା ହେଉଛି ଶୟତାନର ଲୀଳା। ଧରାପୃଷ୍ଠରେ କରୁଣାମୟ ପୁରୁଷୋତ୍ତମ ପୂତ ଆର୍ଯ୍ୟ ଭୂମି ଭାରତବର୍ଷରେ ଆବିର୍ଭାବ ହୋଇ ନିଃସ୍ପ୍ରାଣକୁ ପ୍ରାଣନଶୀଳ, ଦୁଷ୍ଟକୁ ଶିଷ୍ଟ, ନିକୃଷ୍ଟକୁ ଉତ୍କୃଷ୍ଟ, ଅଖ୍ୟାତକୁ ବିଖ୍ୟାତ, ପଙ୍ଗୁକୁ ଗିରିଲଙ୍ଘନ, ଦଗ୍ଧ ପ୍ରାଣକୁ ସ୍ନିଗ୍ଧ, ମୂର୍ଖକୁ ଜ୍ଞାନୀ, ଦୂରାତ୍ମାକୁ ଧର୍ମାତ୍ମା ଓ ସତାକୁ ସଚ୍ଚିଦାନନ୍ଦମୟ କରି ତୋଳି ବିଶ୍ୱ ବକ୍ଷରେ ଏକ ଅଭିନବ ଲୀଳା ରଚନା କରିଛନ୍ତି । ଆଜି ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ପବିତ୍ର ଆର୍ବିଭାବ ମହୋତ୍ସବ ।

ସହପ୍ରତିରକ୍ଷିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭




# ରାଜନୈତିକ ପଶାପାଲିରେ ଅଙ୍ଗନବାଡି କେନ୍ଦ୍ର



ଭୁବନେଶ୍ୱର (ପିଏନ୍): ରାଜଧାନୀ ଉପକଣ୍ଠ ଧଉଳି ଥାନା ଅଧିନସ୍ଥ ଲିଙ୍ଗିପୁର ଗ୍ରାମପଂଚାୟତ ଅନ୍ତର୍ଗତ ଗାଙ୍ଗୋତ୍ରୀ ନଗର ରୋଡ ନଂ-୩୦ାରେ ବିଗତ ବହୁ ଦିନ ହେଲା ଅଙ୍ଗନବାଡ଼ି କେନ୍ଦ୍ର ଭଡାରେ ଚାଲିଛି। ଏଥିରେ ବହୁ କୁନି ଓ କୋମଳମତି ଶିଶୁମାନେ ଅଧ୍ୟୟନ କରୁଛନ୍ତି। କିନ୍ତୁ ଉକ୍ତ ଭଡା ସ୍ଥାନରେ ଚାଲୁଥିବା ଅଙ୍ଗନବାଡି କେନ୍ଦ୍ରର ଭିତିଭୂମି ଠିକ୍ ନଥିବାରୁ ଏକ ନୂତନ ଅଙ୍ଗନବାଡି କେନ୍ଦ୍ର ପାଇଁ ଦାବୀ ହୋଇଥିଲା। ଯାହାଫଳରେ ରାଜ୍ୟ ସରକାର ଅଙ୍ଗନବାଡି କେନ୍ଦ୍ର ପାଇଁ ତହସିଲଦାରଙ୍କ ପତ୍ର ସଂଖ୍ୟା-୯୨୩୪, ତାରିଖ-୩୧.୦୫.୨୦୨୨ ଦ୍ୱାରା ୨୦୦ ଡିସିମିଲି ଜମି ଆବଂଟନ କରିଥିଲେ ଓ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ କିନ୍ତୁ ସେହି ଜମି ଜବରଦଖଲ ଥିବାରୁ ବିଡିଓ ନିଜ ଅକ୍ତିଆରକୁ ନେଇପାରିଲେ ନାହିଁ ଓ ତହସିଲଦାରଙ୍କୁ ଅବଗତ କରାଇଥିଲେ ଉକ୍ତ ଜାଗାକୁ ଜବର ଦଖଲ ମୁକ୍ତ କରିବାକୁ। ତହସିଲଦାର ସେହି ଜାଗାକୁ ପୋଲିସ ସହାୟତାରେ ଜୁନ୍ ମାସ ୨୮ ତାରିଖରେ ଆଂଶିକ ଉଚ୍ଛେଦ କରି ଜବରଦଖଲ ମୁକ୍ତ କରିପାରିନାହାଁନ୍ତି। ଶୁଣିବାକୁ ମିଳୁଛି ନିକଟରେ ଥିବା ଏକ ମଠର କର୍ମକର୍ତ୍ତାମାନେ ଆଉଥରେ ଓ ତହସିଲଦାରଙ୍କୁ ଉଚ୍ଛେଦ ନକରିବା ପାଇଁ ଚାପ ପକାଉଥିବା ବିଶ୍ୱସ୍ତ ସୂତ୍ରରୁ ଶୁଣିବାକୁ ମିଳୁଛି ଯାହାକି ଅନୁସନ୍ଧାନସାପେକ୍ଷ। ତହସିଲଦାର ଓ ସିଡିପିଓଙ୍କ ଅସମ୍ଭବ ନୀରବତା ସମସ୍ତଙ୍କୁ ସନ୍ଦେହଘେରକୁ ଟାଣୁଛି। ସିଡିପିଓ ଏହି ଅଗଷ୍ଟ ୩୧ ତାରିଖ ୨୦୨୨ରେ ଅବସର ନେବାକୁ ଯାଉଥିବାବେଳେ ସେ ଅଙ୍ଗନବାଡି କର୍ମୀଙ୍କୁ ଓ ସ୍ଥାନୀୟ ସୁପରଭାଇଜର ଉପରେ ଅଙ୍ଗନବାଡି କେନ୍ଦ୍ର ଯାଗା ବଂଟନକୁ ନେଇ ମୁହଁ ନଖୋଲିବାକୁ ତାଗିଦ କରିଥିବା ଶୁଣିବାକୁ ମିଳୁଛି। ଯାହାଫଳରେ ସିଡିପିଓଙ୍କର ବିଫଳତା ପରିପ୍ରକାଶ ହୋଇଯିବ। ଜନସାଧାରଣ ଅତିଷ୍ଠ ହେଲେଣି। ଅଙ୍ଗନବାଡି କେନ୍ଦ୍ରକୁ ନେଇ ଏତେ ରାଜନୀତି ପିଲାମାନଙ୍କର ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲି ଦେଇଛି। ମାସକୁ ୫ ହଜାର ଟଙ୍କା ଭଡା ଦେଇ କେତେଦିନ ଚାଲିବ ଅଙ୍ଗନବାଡି କେନ୍ଦ୍ର ତା ସମୟ ହିଁ କହିବ। ନିର୍ଦ୍ଦିଷ୍ଟ ମୁଷ୍ଟିମେୟ ଲୋକଙ୍କୁ ହାତ କରି ମଠର କର୍ମକର୍ତ୍ତା ଆଉଥରେ ଏବଂ ତହସିଲଦାରଙ୍କୁ ପ୍ରଭାବିତ କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। ଯାହାଫଳରେ ସରକାରୀ ନିୟମ ପାଳନ କରିବାରେ ଅହେତୁକ ବିଳମ୍ବ ହେଉଛି। ଖୋର୍ଦ୍ଧା ଜିଲ୍ଲାପାଳ ଏହି ବିଷୟରେ ଅବଗତ ଥିବା ସତ୍ତ୍ୱେ ତହସିଲଦାର ଓ ସିଡିପିଓ ଏବଂ ରେଭିନ୍ୟୁ ଇନ୍ସପେକ୍ଟର ତାଙ୍କୁ ଭୁଆଁ ବୁଲେଇ ସମୟ ଗଡାଇବାରେ ବ୍ୟସ୍ତ। ଏଥିରେ ଅବଗତି ନିମନ୍ତେ ରାଜ୍ୟ ବିଧାନସଭାରେ ଗାଙ୍ଗୋତ୍ରୀ ନଗର ନୂତନ ଅଙ୍ଗନବାଡି କେନ୍ଦ୍ର ପାଇଁ ବିଧାୟକ ସାଲୁଗା ପ୍ରଧାନ ଏକ ମୌଖିକ ପ୍ରଶ୍ନ ପଚାରିଥିଲେ। ବିଭାଗୀୟ ମହିଳା ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ୦୨.୦୭.୨୦୨୨ରେ ମୌଖିକ ପ୍ରଶ୍ନ ନଂ-୩ର ଉତର ଦେଇ କହିଥିଲେ ଲିଙ୍ଗିପୁର ଗ୍ରାମପଂଚାୟତ ଅଧୀନସ୍ଥ ଗାଙ୍ଗୋତ୍ରୀ ନଗରଠାରେ ଅଙ୍ଗନବାଡି କେନ୍ଦ୍ର ପାଇଁ ଭୁବନେଶ୍ୱର ତହସିଲଦାର ତାଙ୍କ ପତ୍ର ସଂଖ୍ୟା-୯୨୩୪, ତା.୩୧.୦୫.୨୦୨୨ରେ AO-୨୦୦ ଯାଗା ପ୍ଲଟ ନଂ-୯୧, ଖାତା ନଂ-୭୬୧ରେ ବିଡିଓଙ୍କୁ ଯାଗା ବଂଟନ କରିବା ସତ୍ତ୍ୱେ ଉକ୍ତ ପ୍ଲଟଟି ଜବରଦଖଲ ହୋଇଥିବାରୁ ଗୃହନିର୍ମାଣ ଅଦ୍ୟାବଧି ହୋଇପାରିନାହିଁ। ଏଥିପାଇଁ ଭୁବନେଶ୍ୱର ସିଡିପିଓଙ୍କୁ ଉପଜିଲ୍ଲାପାଳ ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା- ୪୭୫୮, ତା.୨୨.୦୬.୨୨ରେ ଜବରଦଖଲ ଉଚ୍ଛେଦ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିବା ମନ୍ତ୍ରୀ ତାଙ୍କ ଉତର ବିଧାନସଭାରେ ଦେଇଥିଲେ। ଏଠାରେ ପ୍ରଶ୍ନ ଉଠୁଛି ୨ମାସ ଉପରକୁ ହୋଇଯିବା ସତ୍ତ୍ୱେ କ'ଣ ପାଇଁ ଗାଙ୍ଗୋତ୍ରୀ ନଗର ନୂତନ ଅଙ୍ଗନବାଡି କେନ୍ଦ୍ର ପାଇଁ ଯାଗା ହସ୍ତାନ୍ତର ହୋଇପାରୁନାହିଁ ତାହା ତଦନ୍ତ କରି ରାଜ୍ୟ ସରକାର ସିଡିପିଓ, ତହସିଲଦାର ଓ ରେଭିନ୍ୟୁ ଇନ୍ସପେକ୍ଟରଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଛି। ଅଙ୍ଗନବାଡି କେନ୍ଦ୍ରରେ ଛତୁଆ ବଂଟନ ଠାରୁ ଆରମ୍ଭ କରି ଗର୍ଭବତୀ ମହିଳାମାନଙ୍କୁ ଅଣ୍ଡା, ଲଡୁ ଏବଂ ଛୋଟପିଲାମାନଙ୍କ ପାଇଁ ରନ୍ଧା ଖାଦ୍ୟ ଦେବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛି ଅଙ୍ଗନବାଡି କେନ୍ଦ୍ର। ସିଡିପିଓ ନିଜର କର୍ତବ୍ୟରେ ହେଳା କରୁଥିବାରୁ ତାଙ୍କୁ ତୁରନ୍ତ ଚାକିରୀରୁ ନିଲମ୍ବନ କରିବା ପାଇଁ ଦାବୀ ହୋଇଛି।

# ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ପାଠୋତ୍ସବ

ଭୁବନେଶ୍ୱର (ପିଏନ୍): ଦେଶ ତା'ର ୭୫ବର୍ଷ ପୂର୍ତ୍ତି ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ସମଗ୍ର ଓଡିଶାର ୨୫ଟି ଜିଲ୍ଲାରେ, ପ୍ରତ୍ୟେକ ଜିଲ୍ଲାରେ ୫ଟି ସ୍ଥାନ କରି ମୋଟ ୧୨୫ଟି ସ୍ଥାନରେ କବିତା ପାଠୋତ୍ସବ ସ୍ୱାଧୀନତା ଦିବସରେ ଆୟୋଜନ କରିଥିଲା। ପ୍ରାୟ ୨୫ଜଣ କବି ତାଙ୍କର ସ୍ୱରଚିତ ଦେଶାତ୍ମକ କବିତା ପାଠ କରିଥିଲେ। ଏହି କ୍ରମରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାଗୃହରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କବିତା ପାଠୋତ୍ସବକୁ ବିଶିଷ୍ଟ କବି ଅପର୍ଣ୍ଣା ମହାନ୍ତି ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଡଃ. ବାସୁଦେବ ଦାସ ଓ କବି ନିରାକର ଦାସ ଯୋଗଦେଇ ଆମ ସ୍ୱାଧୀନତାରେ ଆମ ସାହିତ୍ୟର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥି କବି ଭାବେ ବୃନ୍ଦାବନ ଦାସ, ଅକ୍ଷୟ ନାୟକ, ଡଃ. ଶ୍ରୀଧର ସାମଲ, ମନୋରଞ୍ଜନ ସାହୁ, ରଞ୍ଜନ ବାଇ, ଡା. ବି. କେ. ପ୍ରଶାନ୍ତ କୁମାର, କବିତା ମୁଦୁଲି, ସୁନନ୍ଦା ପ୍ରଧାନ, ବୀଣାପାଣି ଚୌଧୁରୀ, ନୃସିଂହ ତରାଇ, ବିମଳ ପ୍ରସାଦ ପରିଡା, ପୁଷ୍ପାଞ୍ଜଳି ପଣ୍ଡା, ମନ୍ମଥ ବରାଳ, ହରିହର ବେହେରା, ମାମା ସ୍ୱାଇଁ, ସମର୍ପିକା ଦଳାଇ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କେନ୍ଦ୍ରାପଡା କଲେଜର ଅଧ୍ୟାପକ ରଞ୍ଜିତ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅଜିତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏକାଡେମୀର ଜିଲ୍ଲା ପ୍ରତିନିଧି ସରୋଜ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। କବି ନବଜ୍ୟୋତି ରାୟ କବିତା ସଂଯୋଜନା କରିଥିଲେ। ଏହି ସଭାକୁ ମହାବିଦ୍ୟାଳୟ ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପିକା ମନୀଷାକାନ୍ତି ଜେନା, ଅଧ୍ୟାପିକା ସସ୍ମିତା ଅଧିକାରୀ ଓ ଅଧ୍ୟାପକ ପ୍ରମୋଦ ବେହେରା ସଂଚାଳନା କରିଥିଲେ। ସଭା ପ୍ରାରମ୍ଭରେ ସରସ୍ୱତୀ ଶିଶୁ ମନ୍ଦିର, ସାନ୍ତସାହିର ଛାତ୍ରଛାତ୍ରୀମାନେ ବନ୍ଦେ ମାତରମ ଗାନ କରିଥିଲେ। ଓଡିଆ ଭାଷା ସାହିତ୍ୟ ବିଭାଗର ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। ଏଥିରେ ବହୁସଂଖ୍ୟକ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।

# ବାଟ ମହାବୀର ବ୍ୟବସାୟୀ ସଂଘ ପକ୍ଷରୁ ୭୬ତମ ସ୍ୱାଧୀନତା ଦିବସ ପାଳିତ

ଭୁବନେଶ୍ୱର (ପିଏନ୍): ୭୬ତମ ସ୍ୱାଧୀନତା ଦିବସ ଉପଲକ୍ଷେ ସ୍ଥାନୀୟ ଦୁଇ ନମ୍ବର ୟୁନିଟ୍‌ସ୍ଥିତ ବାଟ ମହାବୀର ବ୍ୟବସାୟୀ ସଂଘ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟଅତଥି, ୪୦ ନମ୍ବର ୱାର୍ଡ଼ର କର୍ପୋରେଟର ଆସିଆ ବେଗମ୍, ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତିପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଏବଂ ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ଉପନିର୍ଦ୍ଦେଶକ ସୁଧାଂଶୁ ଶେଖର ଧଡ଼ା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ସ୍ୱାଧୀନତା ଦିବସର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବାଟ ମହାବୀର ବ୍ୟବସାୟୀ ସଂଘର ସଭାପତି ଦୀପକ ମହାପାତ୍ର ଓ ଅନ୍ୟ କର୍ମକର୍ତ୍ତା ଚିନ୍ତାମଣି ମହାରଣା, ବାଦଲ ମୋତିକ, ଅଶୋକ ପଣ୍ଡା, ରାକେଶ ପାତ୍ର, ବୁଖାରି ଖାନ, ଏମ୍‌ଡ଼ି ଅନୁ, ଅକ୍ଷୟ ବେହେରା, ଅନିଲ୍ ଖାନ, ରମେଶ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଜାତୀୟ ସଙ୍ଗୀତ ଗାନ କରିବା ସହିତ ବନ୍ଦେ ମାତରଂ ଓ ଭାରତ ମାତା କି ଜୟ ଧ୍ୱନିମାନ ଦେଇଥିଲେ।

# ନବୀକୃତ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ଉଦ୍‌ଘାଟିତ



କେନ୍ଦୁଝର (ପିଏନ୍): କେନ୍ଦୁଝର ମନୋଜ ମଂଜରୀ ଶିଶୁ ଭବନ ଦ୍ୱାରା ପରିଚାଳିତ ସିଦ୍ଧମଠ ସ୍ଥିତ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟର ଶ୍ରେଣୀ ଗୃହ ଜେ.ଏସ୍.ଡବ୍ଲୁ ଷ୍ଟିଲ ଲିଃ ବଡବିଲ ସହାୟତାରେ ନବୀକୃତ କରାଯାଇଛି। ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ନବୀକୃତ ବିଦ୍ୟାଳୟକୁ କେନ୍ଦୁଝର ଡିଏଫଓ ଧନରାଜ ଏଚ୍‌ଡି ଉଦ୍‌ଘାଟନ କରିଛନ୍ତି। ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ସାରା ଦେଶ 'ଆଜାଦ କୀ ଅମୃତ ମହୋତ୍ସବ' ପାଳନ କରିଥିବାବେଳେ ସିଏସ୍‌ଆର କାର୍ଯ୍ୟକ୍ରମରେ ଏହି ମହନୀୟ କାମ କରିଥିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ। ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରି ସମାଜରେ ପ୍ରତିଷ୍ଠା ଲାଭ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଜେ.ଏସ୍,ଡବ୍ଲୁ (ମାଇନ୍ସ ଅପରେସନ) ଉପସଭାପତି ବିଶ୍ୱରଂଜନ ପାଢୀ ଯୋଗଦେଇ ୭୫ତମ ପୂର୍ତ୍ତୀ ଉପଲକ୍ଷେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିସହିତ ସ୍ୱାଧିନତା ଆଣିବା ପାଇଁ ଯେଉଁ ବୀରପୁତ୍ରମାନେ କଠିନ ପରିଶ୍ରମ କରିଥିଲେ, ସେମାନଙ୍କ ସ୍ମୃତିଚାରଣ କରିଥିଲେ। ମନୋଜ ମଂଜରୀ ଶିଶୁ ଭବନର ସମ୍ପାଦକ ସତ୍ୟନାରାୟଣ ମିଶ୍ର ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ନବୀକରଣରେ ଜେ.ଏସ.ଡବ୍ଲୁ ସହଯୋଗର ହାତ ବଢାଇଥିବାରୁ ଉପସ୍ଥିତ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦି ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ବା ୟୁଡିଆଇଡି ସାର୍ଟିଫିକେଟ ଅନଲାଇନରେ ଅଗଷ୍ଟ ମାସ ଶେଷ ସୁଦ୍ଧା କରିବାକୁ କହିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ରଥ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଜେ.ଏସ.ଡବ୍ଲୁ ଷ୍ଟିଲ ଲିଃ କର୍ପୋରେଟ କମ୍ୟୁନିକେସନ ଜିଏମ ବିଶ୍ୱରାଜ ଦଲଗଡେ, ସିଏସ୍‌ଆର ହେଡ୍ କେଦାର ନାଥ ଶର୍ମା, ସିଏସ୍‌ଆର ଡେପୁଟି ମ୍ୟାନେଜର ପାର୍ଥସାରଥି ବେଉରିଆ, ସିନିୟର ମ୍ୟାନେଜର ଯୁଗଳ କିଶୋର ବାରିକ, ଆସିଷ୍ଟାଣ୍ଟ ମ୍ୟାନେଜର ସତ୍ୟବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତ୍ନାକର ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

—ଗଜରାଜଙ୍କ ପାଇଁ ସବୁଜ ସଂକଳ୍ପ—

# ଗଜରାଜଙ୍କ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ବନବାସୀ



ଭୁବନେଶ୍ୱର (ପିଏନ୍): ହାତୀ ପାଇଁ ଦିନଟିଏ। ଗଜରାଜଙ୍କ ସୁରକ୍ଷା ପାଇଁ ପ୍ରତିବର୍ଷ ଅଗଷ୍ଟ ମାସ ୧୨ ତାରିଖଟିକୁ ବିଶ୍ୱ ହସ୍ତୀ ଦିବସ ରୂପେ ପାଳନ କରାଯାଇଥାଏ। ପରିବେଶ ସନ୍ତୁଳନରେ ହାତୀ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କିନ୍ତୁ ଏବେ ବିପଦରେ ଗଜରାଜ। କେତେବେଳେ ହାତୀ-ମଣିଷ ସଂଘର୍ଷ ଭିତରେ ଉଭୟଙ୍କ ଜୀବନ ଯାଉଛି ତ ଆଉ କେତେବେଳେ ବିଦ୍ୟୁତ୍ ଆଘାତରେ ତ ଆଉ କେତେବେଳେ ଟ୍ରେନ୍ ଧକ୍କାରେ ତ ଆଉ କେତେବେଳେ ଶିକାରୀ ଗୁଳିରେ ଜୀବନ ଯାଉଛି। ଯଦି କ୍ରମାଗତ ଭାବରେ ଏହିପରି ପ୍ରତ୍ୟେହ ଅଘଟଣ ଘଟି ଚାଲେ ତେବେ ଖୁବ୍ କମ୍ ଦିନରେ ଆମ ରାଜ୍ୟ ଗଜଶୂନ୍ୟ ହୋଇଯିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଦିବସ ପାଳନ ଅବସରରେ ଚନ୍ଦକା-ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା ଆଦିବାସୀପଲ୍ଲୀ କନ୍ଦଳେଇଠାରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବନବାସୀମାନେ ହାତୀମୁଖା ପିନ୍ଧି ନିଆରା ଢଙ୍ଗରେ ଜନ ସଚେତନତାର ବାର୍ତ୍ତା ବାଣ୍ଟିବା ସହ ଗଜରାଜଙ୍କ ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସଂପ୍ରତି ଜଙ୍ଗଲରେ ଖାଦ୍ୟାଭାବ ଯୋଗୁ ହାତୀ ଜନବସତି ମୁହାଁ ହେଉଛନ୍ତି। ଯଦ୍ୱାରା ଏମାନଙ୍କ ଜୀବନ ଅକାରଣେ ଚାଲିଯାଉଛି। ଖାଦ୍ୟ ଅଭାବ ଦୂର ପାଇଁ ଜଙ୍ଗଲରେ ସିଡ୍‌ସବଲ୍ ଅର୍ଥାତ୍ (ବିହନ ପେଣ୍ଡୁ) ମାଧ୍ୟମରେ ହାତୀର ପ୍ରିୟ ଖାଦ୍ୟ ଗଛ ସୃଷ୍ଟି ପାଇଁ ଏ ନେଇ ବନବାସୀମାନେ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ମାଛଧରା ବୋଟ୍‌ରୁ ଖସିପଡି ମତ୍ସ୍ୟଜୀବୀ ମୃତ

ପାରାଦୀପ (ପିଏନ୍)-ପାରାଦୀପ ନେହେରୁ ବଙ୍ଗଳାସ୍ଥିତ ମାଛଧରା ବନ୍ଦରରେ ଏକ ମାଛଧରା ବୋଟ୍‌ରୁ ଖସିପଡି ଜନୈକ ମତ୍ସ୍ୟଜୀବୀଙ୍କର ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ, ବିଳମ୍ବିତ ରାତିରେ ପାରାଦୀପ ମାଛଧରା ବନ୍ଦରରେ ଏକ ବୋଟ୍ ଲୋକନାଥ-୩ ବୋଟ୍‌ରେ ନିଜ କାମ ସାରି ଶୋଇବାକୁ ଯାଇଥିଲେ ଭଦ୍ରକ ଜିଲ୍ଲା ଧାମରା ନିକଟସ୍ଥ ବାଂଶଗଡା ଗ୍ରାମର ମଥୁରା ମାଝୀଙ୍କ ପୁଅ ମହେଶ୍ୱର ମାଝୀ। ଅସାବଧାନତା ଯୋଗୁଁ ମହେଶ୍ୱର ତଳକୁ ଖସି ପଡିଥିଲେ। ସ୍ଥାନୀୟ ମତ୍ସ୍ୟଜୀବୀମାନେ ବହୁ ଖୋଜାଖୋଜି କରିବା ପରେ ବି ମହେଶ୍ୱରଙ୍କର କୌଣସି ସନ୍ଧାନ ମିଳି ନଥିଲା। ଖବରପାଇ ଓଡ୍ରାଫ ଟିମ୍ ମାଛଧରା ବନ୍ଦରରେ ପହଂଚି ଖୋଜାଖୋଜି କରିଥିଲେ। ବହୁ ସମୟ ଖୋଜାଖୋଜି କରିବା ପରେ ମହେଶ୍ୱରଙ୍କ ମୃତଦେହ ଉଦ୍ଧାର କରିଥିଲେ। ମୃତ ମହେଶ୍ୱର ଲୋକନାଥ-୩ ବୋଟ୍‌ରେ କାମ କରୁଥିଲେ। ପାରାଦୀପ ମେରାଇନ୍ ପୋଲିସ୍ ଶବ ଜବତ ପରେ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ।

# ଗଂଜେଇ ଚୋରା ବ୍ୟବସାୟ କରୁଥିବା ଅଭିଯୋଗରେ ବ୍ୟବସାୟୀ ଗିରଫ

ପାରାଦୀପ (ପିଏନ୍)-ପାରାଦୀପ ମଧୁବନ ଅଂଚଳରେ ଚୋରା ଗଂଜେଇ ବ୍ୟବସାୟ କରୁଥିବା ଅଭିଯୋଗରେ ପାରାଦୀପ ଆଦର୍ଶ ଥାନା ପୋଲିସ ବ୍ୟବସାୟୀକୁ ଗିରଫ କରିବା ସହ ତା' ନିକଟରୁ ଦୁଇ କିଲୋ ଚାରିଶ ଗ୍ରାମ ମେରିଜୁଆନ୍ (ଗଂଜେଇ) ଜବତ କରିଛି। ପାରାଦୀପ ପୋଲିସ୍ ସୂତ୍ରରୁ ପ୍ରକାଶ ଯେ, ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ନଳରା ଗ୍ରାମର ରାଜକିଶୋର ପାତ୍ରଙ୍କ ପୁଅ ବାପି ଓରଫ ବାପିନା ପାତ୍ର (୩୮) ପାରାଦୀପ ମଧୁବନ କେବିନ୍ ମାର୍କେଟ୍ ସବଷ୍ଟେସନ୍ ନୂଆ ରାସ୍ତାରେ ଗଂଜେଇ ବ୍ୟବସାୟ କରୁଥିବା ଖବର ପାଇ ପାରାଦୀପ ଆଦର୍ଶ ଥାନା ପୋଲିସ୍ ସେଠାରେ ପହଂଚି ଅଭିଯୁକ୍ତକୁ ଗିରଫ କରିବା ସହ ତା' ନିକଟରୁ ୨.୪୦୦ ଗ୍ରାମ୍ ଚୋରା ଗଂଜେଇ ଜବତ କରିଥିଲା। ପରେ ପାରାଦୀପ ପୋଲିସ୍ ପକ୍ଷରୁ ୨୪୦/୨୨ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପାରାଦୀପ ପୋଲିସ୍ ସୂତ୍ରରୁ ପ୍ରକାଶ।

# ସକାରାତ୍ମକ ଶ୍ରମ ହିଁ ସଫଳତା ଆଣି ଦେଇଥାଏ



ଫୁଲନଖରା (ପିଏନ୍)-କଟକ ସଦର ପ୍ରେସ କ୍ଲବ ତରଫରୁ ମାଟ୍ରିକ ପରୀକ୍ଷାରେ ସ୍ଥାନୀୟ ଅଞ୍ଚଳର ହାଇସ୍କୁଲ ଟପରମାନଙ୍କୁ ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ପ୍ରତାପନଗରୀ ସ୍ଥିତ ଧାକୁଲେଇ ମଣ୍ଡପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରେସ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରି ସମ୍ପୃକ୍ତ ଅଞ୍ଚଳର କୃତୀ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରି ଶିକ୍ଷାର ବିକାଶ କରିବା ଆମ ଲକ୍ଷ୍ୟବୋଲି ମତ ଦେଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରଚାରକ ପଣ୍ଡିତ ଡଃ. କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସର୍ବଦା ସକାରାତ୍ମକ ମନୋବୃତ୍ତି ନେଇ କାର୍ଯ୍ୟ ତଥା ପାଠ ପଢ଼ିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶିଷ୍ଟ ଲେଖିକା ତଥା ସ୍ତମ୍ଭକାର ଛନ୍ଦା ମିଶ୍ର ମୁଖ୍ୟବକ୍ତାଭାବେ ଅଂଶଗ୍ରହଣ କରି ଉଲ୍‌କା ପିଣ୍ଡ ପରି କ୍ଷଣସ୍ଥାୟୀ ପରିବର୍ତ୍ତେ ଧ୍ରୁବ ତାରା ପରି ସ୍ଥିର ଓ ଜାଜ୍ଜ୍ୱଲ୍ୟମାନ ହେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଆଧାତ୍ମିକ ପ୍ରବକ୍ତା ତଥା ସ୍ତମ୍ଭକାର ଶ୍ରୀ ସନ୍ନ୍ୟାସୀ ଜୀ, ପଣ୍ଡିତ ଅଜୟକୁମାର ପତି ଓ ପ୍ରେସ କ୍ଲବ କାର୍ଯ୍ୟକାରୀ ସଭାପତି ଲଳିତକୁମାର ଦାଶ ସମ୍ମାନିତ ଅତିଥିରୂପେ ମଞ୍ଚାସୀନ ରହି ଉପସ୍ଥିତ ସମସ୍ତ ସଫଳ ବିଦ୍ୟାର୍ଥୀଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଦୀପ ପ୍ରଜ୍ଜ୍ୱଳନ ଓ ବେଦପାଠ ହୋଇଥିଲା। କାନନବିହାରୀ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲାବେଳେ ରମେଶଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଡଃ. ଶରତକୁମାର ରଥ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ସହ-ସମ୍ପାଦକ ବାଦଲକୁମାର ଜେନା, ପ୍ରଧାନଶିକ୍ଷକ ଚନ୍ଦ୍ରମଣି ପ୍ରଧାନ ଓ ଇଂ. ପ୍ରକାଶକୁମାର ସେଠୀଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶିକ୍ଷାବିତ୍ ଉତ୍ସବରେ ଉପସ୍ଥିତ ଥିଲେ। ଏହି ଅବସରରେ ୩୦ଟି ହାଇସ୍କୁଲର ମାଟ୍ରିକ ଟପରମାନଙ୍କୁ ପୁରସ୍କୃତ କରାଯିବା ସହିତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଗଜେନ୍ଦ୍ରନାଥ ଦାସ, ସତ୍ୟରଂଜନ ଦାସମହାପାତ୍ର, ଅମିତ କୁମାର ପରିଜା, ରାକେଶ କୁମାର ହୋତା, ଭବାନୀଶଙ୍କର ପାତ୍ର ଓ ଅଜୟ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ରାଜକିଶୋର ବେହେରା, ଧିରେନ୍ଦ୍ର ସାହୁ, ଶଶିଭୂଷଣ ଦାଶ ଓ ଅଜୟ କୁମାର ପାତ୍ର ସହଯୋଗ କରିଥିଲେ। ଶେଷରେ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




# ସାଲେପାଲି ଗାଁରେ ନୂଆଖାଇ ଦ୍ୱିତୀୟ ଦିନ ଧୁମଧାମରେ ପାଳିତ



ଖପ୍ରାଖୋଲ,(ପିଏନ୍): ମାଟିଆଭଟା ପଞ୍ଚାୟତ ସାଲେପାଲି ଗାଁରେ ଗଣେଶ ପୂଜା କମିଟି ପକ୍ଷରୁ ନୂଆଖାଇ ପର୍ବ ଦ୍ୱିତୀୟ ଦିନ ବଡ଼ ଧୁମଧାମରେ ପାଳିତ ହୋଇଯାଇଛି। ଗ୍ରାମ ଛୋଟ ବାଳକ ବାଳିକା ମାଆଙ୍କୁ ନେଇ ହାଣ୍ଡି ପିଟା, ମିଉଜ଼ୀକ ଚେୟାର, ବିଭିନ୍ନ ଖେଳ କୁଦ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ କୁ ଗ୍ରାମର ସହ ସହ ଲୋକ ସାମିଲ ହୋଇ ବେଶ ଆନନ୍ଦ ନେଇ ଥିଲେ। ଗଣେଷ ପୂଜା କମିଟିର ନବନନ୍ଦ ବାଗ,ସଦାନନ୍ଦ ବାଗ,ସୁଶାନ୍ତ ବରିହା ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ନୂଆଖାଇ ଦ୍ୱିତୀୟ ଦିନରେ ପାଳନ କରାଯାଏ ବୋଲି ମତ ଦେଇଥିଲେ।

## ଗ୍ରାମବାସୀଙ୍କ ଅଭିନବ ପ୍ରୟାସ ପଂଚାୟତରେ ମଦ ପିଇଲେ ଜରିମାନା

ମାଲକାନଗିରି, (ପି.ଏନ): ପଂଚାୟତରେ କେହି ମଦ ବିକ୍ରି କିମ୍ବା ପିଇ ପାରିବେ ନାହିଁ । ଏହାର ଖୀ ଲାପ କଲେ ଜରିମାନା ଦେବାକୁ ପଡ଼ିବ । ଏଭଳି ନିଷ୍ପତି ନେଇଛନ୍ତି ମା ଥିଲି ବ୍ଲକ୍ ସାଲିମି ପଂଚାୟତବାସୀ । ପଂଚାୟତରେ ଏହି ନୂଆ ନିୟମ ଲାଗୁ ସମ୍ପର୍କ ରେ ପଂଚାୟତବାସୀଙ୍କୁ ଶୋଭାଯାତ୍ରା ମାଧ୍ୟମରେ ସଚେତନତା କରାଯାଇଛି ।ଏହି ଅବସରରେ ପଂଚାୟତର ୧୨ଟି ୱାର୍ଡରେ ପୋଷ୍ଟର ମଧ ଲାଗାଯାଇଛି। ପଂଚାୟତ ପରିସରରେ ଦେଶୀମଦ ରାନ୍ଧିଲେ ୨ ହଜାର ଟଙ୍କା ଓ ବିଦେଶୀ ମଦ ବ୍ୟବସାୟ କଲେ ୫ହଜାର ଟଙ୍କା ଜାରିମାନା ଦେବାକୁ ପଡ଼ିବ। ଏଥିସହ ପଂଚାୟତର କେହି ଯଦି ବାହାରୁ ମଦ ପିଇ ଆସି ଏଠାରେ କୌଣସି ସମସ୍ୟା ସୃଷ୍ଟି କରନ୍ତି ତେବେ ତାଙ୍କଠାରୁ ୧୫ଶହ ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ସମ୍ପୃକ୍ତ ପୋଷ୍ଟରେ ଉଲ୍ଲେଖ କରାଯାଇଛି। ବିବାହ କିମ୍ବା କୌଣସି ପର୍ବପର୍ବାଣୀରେ ଯଦି ମାଦକ ଦ୍ରବ୍ୟ ବ୍ୟବହାର କରାଯିବ ତାହାହେଲେ ସମ୍ପୃକ୍ତ ୱାର୍ଡ ମେମ୍ବରଙ୍କଠାରୁ ଅନୁମତି ନେବାକୁ ପଡ଼ିବ। ତାହାପୁଣି ଆଂଶିକ ମାଦକ ଦ୍ରବ୍ୟ ବ୍ୟବହାର କରିପାରିବେ । ପଂଚାୟତବାସୀଙ୍କ ଏଭଳି ନିଷ୍ପତି କୁ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି।

# ୨୨ ତାରିଖରୁ ଦିର୍ଘ ୬ ଦିନ ବୌଦ୍ଧ ସମବାୟ ବ୍ୟାଙ୍କ ଗ୍ରାହକଙ୍କୁ ମିଳିବନି ସେବା

କନ୍ଧମାଳ ,(ପି.ଏନ): ସେପଟ୍ମ୍ବର ମାସ ୨୨ ତାରିଖ, ଅର୍ଥାତ୍ ଶୁକ୍ରବାର ଠାରୁ ଦିର୍ଘ ୬ ଦିନ ଧରି କନ୍ଧମାଳ ଓ ବୌଦ୍ଧ ଜିଲ୍ଲା ରେ ଥିବା ବୌଦ୍ଧ ସମବାୟ ବ୍ୟାଙ୍କର ଶାଖା ଗୁଡିକରେ ଏହାର ଗ୍ରାହକ ମାନଙ୍କୁ ସେବା ପ୍ରଦାନ ବନ୍ଦ ରହିବ। ଏହି ସୁଚନା ବୌଦ୍ଧ ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ସଭାପତି ଖିରୋଦ କୁମାର ମିଶ୍ର ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ଥିବା ୧୭ ଗୋଟି କେନ୍ଦ୍ର ସମବାୟ ର କର୍ମଚାରୀ ମାନେ ଚଳିତ ମାସ ୨୫,୨୬ ଏବଂ ୨୭ ତାରିଖରେ ଅଲ ଓଡ଼ିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘ ର କାର୍ଯ୍ୟ ବନ୍ଦ ଆନ୍ଦୋଳନ ରେ ସାମିଲ ହେବାକୁ ନିଷ୍ପତି, ରାଜ୍ୟ ସଂଘ ପକ୍ଷରୁ ନିଆଯାଇଛି। ସମବାୟ ବ୍ୟାଙ୍କ ସରକାରଙ୍କ ର ସମସ୍ତ ଜନହିତକାରୀ ଆର୍ଥିକଯୋଜନା କାର୍ଯ୍ୟକାରୀ କରିବା ସହିତ ରାଜ୍ୟର ୭୦ ଭାଗ କୃଷି ପରିବାରକୁ କୃଷି ଋଣ ପ୍ରଦାନ କରନ୍ତି। କର୍ମଚାରୀ ମାନଙ୍କ ର ନିରବଚ୍ଛିନ୍ନ ପରିଶ୍ରମ ଫଳରେ ସମସ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ୍ ବହୁ ଲାଭରେ ଚାଲିଆସୁଅଛି ।ଏହି ଲାଭାଂଶ ରୁ କୋଟି କୋଟି ଟଙ୍କା ଇନକମ୍ ଟ୍ୟାକ୍ସ ଦେଉଥିଲା ବେଳେ ସେମାନଙ୍କର ସପ୍ତମ ବେତନ ୧.୧.୧୬ରୁ ଦେବାକୁ ଦାବୀ ହେଇ ଆସୁଥିଲେ ମଧ , ତାହା କୁ କାର୍ଯ୍ୟ କାରି କରିବାକୁ ବ୍ୟାଙ୍କ୍ କର୍ତୃପକ୍ଷ ଓ ସମବାୟ ନିବନ୍ଧକଙ୍କ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ସେହିପରି ଯେଉଁ କର୍ମଚାରୀ ମାନେ ସେପଟ୍ମ୍ବେର୍ ୨୦୧୪ ପରେ ଚାକିରୀ କରିଛନ୍ତି ସେମାନେ ଭବିଷ୍ୟନିଧି ରୁ ପେନସନ ପାଇବେ ନାହିଁ ।ତେଣୁ ସେମାନଙ୍କ ପାଇଁ ଏକ ପେନସନ ଫଣ୍ଡ ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି କରିଆସୁଥିଲେ ମଧ ସମବାୟ ନିବନ୍ଧକ ଏହା କାର୍ଯ୍ୟକାରି କରୁନଥିବାରୁ କର୍ମଚାରୀଙ୍କ ଅବସର ପରବର୍ତ୍ତୀ ସାମାଜିକ ସୁରକ୍ଷା ଉପରେ ପ୍ରଶ୍ନ ବାଚି ସୃଷ୍ଟି କରୁଅଛି। ଏଥି ସହିତ ସରକାର ଙ୍କ ଦ୍ୱାରା ଅନୁମୋଦିତ ଚାକିରି ସର୍ତ୍ତାବଳୀ କୁ ଉଲଘଂନ କ୍ୟାଡର ଫଣ୍ଡକୁ ଯେଉଁ ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ତାହା କାର୍ଯ୍ୟକାରୀ କରାଗଲେ ସମସ୍ତ ବ୍ୟାଙ୍କ୍ କ୍ଷତି କରିବେ ଓ ଯାହା ଫଳରେ ବ୍ୟାଙ୍କ୍ ଭବିଷ୍ୟତରେ ତାର ଲାଇସେନ୍ସ ହରାଇବ । ବ୍ୟାଙ୍କ୍ ସହିତ ସହବନ୍ଧିତ ସମସ୍ତ ସେବା ସମବାୟ ସମିତି ତାହାର ସଞ୍ଚୟ ଜମାଖାତ ରାଜ୍ୟ ସମବାୟ ବ୍ୟାଙ୍କ୍ ରେ ଖୋଲିବାକୁ,ସରକାର ଏକ ନିର୍ଦ୍ଦେଶ ଦେଇଛନ୍ତି। ଯାହାଦ୍ୱାରା ବ୍ୟାଙ୍କଗୁଡିକ ବହୁ ଅସୁବିଧାର ସମ୍ମୁଖୀନ ହେବ। ଏହି ଦାବୀ ଓ ବ୍ୟାଙ୍କ ସମସ୍ୟା ର ଆଶୁ ସମାଧାନ କରିବା ପାଇଁ, ସଂଘ ସରକାରଙ୍କୁ ଅନୁରୋଧ କରିଥିଲେ ମଧ ଏ ଯାବତ୍ କିଛି ସୁଫଳ ମିଳୁନାହିଁ । ଏଠାରେ ସୂଚନା ଯୋଗ୍ୟ ଯେ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତିଙ୍କ ଅଧକ୍ଷତାରେ ସମସ୍ତ ବ୍ୟାଙ୍କ ସଭାପତି ଓ ମହାସଂଘର ପ୍ରତିନିଧିଙ୍କ ଉପସ୍ଥିତିରେ ଭୁବନେଶ୍ୱର ସ୍ଥିତ ରାଜ୍ଯ ସମବାୟ ବ୍ୟାଙ୍କ ଠାରେ ଏ ନେଇ ଆଲୋଚନା ହୋଇଥିଲା। ନିବନ୍ଧକ ସମବାୟ ସମିତି ତଥା ପରିଚାଳନା ନିର୍ଦ୍ଦେଶକ ରାଜ୍ୟ ସମବାୟ ବ୍ୟାଙ୍କ, ସଂଘର ଦାବିଗୁଡିକ ବାବଦରେ କିଛି ସକାରାତ୍ମକ ପଦକ୍ଷେପ ଆସନ୍ତା ୧୫ ଦିନ ମଧ୍ୟରେ ନେବେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏ ଯାବତ୍ ଏହି ବାବଦରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଯୋଗୁଁ, ସେପଟ୍ମ୍ବର ୨୨ ତାରିଖ ଦିନ ସମସ୍ତ କର୍ମଚାରୀ ସାମୁହିକ ଛୁଟିରେ ଯିବେ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି । ଏହି ଆନ୍ଦୋଳନ ରେ ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ କର୍ମଚାରୀ ମାନେ ମଧ୍ୟ ସାମିଲ ହେବା ନେଇ ସଂଘର ସଭାପତି ଖିରୋଦ କୁମାର ମିଶ୍ର ଓ ସାଧାରଣ ସମ୍ପାଦକ ସୌମ୍ୟଜିତ ନାୟକ ସୂଚନା ଦେଇଛନ୍ତି ।ତେବେ ବ୍ୟାଙ୍କ କର୍ମଚାରୀ ଓ ନିବନ୍ଧକ ସମବାୟ ସମିତି ଓ ପରିଚାଳନା ନିର୍ଦ୍ଦେଶକ ରାଜ୍ୟ ସମବାୟ ବ୍ୟାଙ୍କର ଟଣା ଓଟରା ଭିତରେ ବ୍ୟାଙ୍କ ଗୁଡିକର ଗ୍ରାହକ ମାନେ ଆସନ୍ତା ୬ ଦିନ ଧରି, ଆବଶ୍ୟକ ସ୍ଥଳେ ବ୍ୟାଙ୍କ ସେବା ପାଇବାରୁ ବଞ୍ଚିତ ହେବେ ବୋଲି କନ୍ଧମାଳ ଜିଲ୍ଲା ରେ ଥିବା ବୌଦ୍ଧ ସମବାୟ ବ୍ୟାଙ୍କ ର ୬ ଟି ଶାଖା ଓ ବୌଦ୍ଧ ଜିଲ୍ଲା ର ୫ ଟି ଶାଖା ସମେତ ସମୁଦାୟ ୧୧ ଟି ଶାଖାର ପ୍ରାୟ ୧୬୫ ଜଣ କର୍ମଚାରୀ ୨୨ ତାରିଖ ଠାରୁ, ସାମୁହିକ ଛୁଟିରେ ଏବଂ ୨୫ ତାରିଖ ଠାରୁ ୩ ଦିନ ଧରି ଆନ୍ଦୋଳନ ରେ ସାମିଲ ହେବେ ଏହା ମଧ୍ୟରେ ଶନିବାର ଓ ରବିବାର ଛୁଟି ଥିବା ଯୋଗୁଁ ୬ ଦିନ ବନ୍ଦ ରହିବ।

# ‘ନୂଆଁଖାଇ- ୨୦୨୩’ର ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,(ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ପର୍ବ ‘ନୂଆଁଖାଇ-୨୦୨୩’ ଅବସରରେ ସମ୍ବଲପୁରୀ ଭାଷାରେ ଏକ ଭିଡିଓ ବାର୍ତ୍ତା ଜାରି କରି ଏହି ପର୍ବର ଶୁଭେଚ୍ଛା ଜଣାଇଛନ୍ତି ।ସମ୍ବଲପୁରର ଇଷ୍ଟଦେବୀ ମାଆ ସମଲେଇ ଓ ସମସ୍ତ ଆରାଧ୍ୟା ଦେବୀଙ୍କୁ ପ୍ରଣାମ ଜଣାଇ ଭିଡିଓ ବାର୍ତ୍ତାରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆମର ମହାନ ପର୍ବ ‘ନୂଆଁଖାଇ’ ଆଜି ପାଳନ ହେଉଛି । ଏହି ଅବସରରେ ମାଆ, ଭଉଣୀ, ଦାଦା ଭାଇ ମାନଙ୍କୁ ମୋର “ନୂଆଁଖାଇ ଜୁହାର” । ୨୦୨୨ ମସିହାରୁ ଭାରତ ଅମୃତକାଳରେ ପ୍ରବେଶ କରିସାରିଛି । ଏହି ଅମୃତକାଳରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କର ବଳିଷ୍ଠ ନେତୃତ୍ୱ କାରଣରୁ ଭାରତ ‘ବସୁଧୈବ କୁଟୁମ୍ବକମ୍’ ନୀତିକୁ ପ୍ରାଧାନ୍ୟ ଦେଇଛି । ନୂଆଁଖାଇ ମଧ୍ୟ ସାରା ଦୁନିଆର ମଙ୍ଗଳ କଥାକୁ ପ୍ରାଧାନ୍ୟ ଦେଉଛି ।ଅମୃତକାଳରେ ଆମେ ସମସ୍ତେ ମିଳିମିଶି ପରିଶ୍ରମ କରିବା ଏବଂ ଭାରତକୁ ବିକଶିତ ଦେଶରେ ପରିଣତ କରିବା । ନୂଆଁଖାଇ ପର୍ବ ସମସ୍ତଙ୍କୁ ମିଳିମିଶି କରି ରହିବାର ସନ୍ଦେଶ ଦେଉଛି । ମିଳିମିଶି କରି ରହିଲେ ହିଁ ପରିବାର, ସମାଜ ଏବଂ ଦେଶରେ ଭାଇଚାରା ବଢ଼ିବ । ଦେଶରେ ଭାଇଚାରା ବଢ଼ିଲେ ହିଁ ଆମର ବିକଶିତ ଭାରତର ମୂଳଦୁଆ ମଜବୁତ୍ ହେବ । ଆମେ ସମସ୍ତେ ମିଶିକରି ନୂଆଁଖାଇର ଭାଇଚାରା ବାର୍ତ୍ତାକୁ ସମଗ୍ର ଦୁନିଆରେ ପ୍ରଚାର ପ୍ରସାର କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଏହି ଶୁଭ ଅବସରରେ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତିଏବଂ ସମୃଦ୍ଧି ପାଇଁ ପ୍ରାର୍ଥନା କରିଛନ୍ତି ।

# କଇଥଖୋଲାରେ ବିଜେଡିର ନୂତନ ଅଫିସ ଉଦଘାଟିତ

ଭଦ୍ରକ, (ପି.ଏନ): ଏହି ଜିଲାର ଧାମରା ନିକଟସ୍ଥ କଇଥଖୋଲା ଠାରେ ବିଜୁ ଜନତା ଦଳର ନୂତନ ଅଫିସ ଗୃହ ଉଦଘାଟିତ ହୋଇଯାଇଛି। ଏହି ଅଫିସ ଉଦଘାଟନ ଉତ୍ସବ ଏବଂ ହୋଇଥିବା ସଭାରେ ବିଜୁ ଜନତା ଦଳର କଇଥଖୋଲା ପଂଚାୟତର ସଭାପତି ବନବିହାରୀ ମାଇତି ଯୋଗ ଦେଇ ଆଗାମୀ ଦିନରେ ବିଜୁ ଜନତା ଦଳର ହାତମୁଠାକୁ ଟାଣ କରିବା ସହ କଇଥଖୋଲା ପଂଚାୟତରେ ସାଧାରଣ ଜନତାଙ୍କ ସମସ୍ତ ସମସ୍ୟାର ଆଶୁ ସମାଧାନ ପାଇଁ ସେ ବଦ୍ଧ ପରିକର ,ଏଥିସହ ଆସନ୍ତା ବିଧାନସଭା ନିର୍ବାଚନ ପାଇଁ କୌଣସି ତାରିଖ ସ୍ଥିରୀକୃତ ହୋଇ ନଥିବା ବେଳେ ସାଧାରଣ ଜନତା ଆଜି ଭଳି ଦିନରେ ବିଜୁ ବାବୁଙ୍କ ଶ୍ରଦ୍ଧା କୁ ପାଥେୟ କରି ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ହାତ ମୁଠାକୁ ଟାଣ କରିବା ସହ ଚାନ୍ଦବାଲି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡ.ବ୍ୟୋମକେଶ ରାୟଙ୍କ ନିର୍ଦ୍ଦେଶରେ ଏହା ଏକ ନୂତନ ପ୍ରୟାଶ ବୋଲି ନିଜର ବକ୍ତବ୍ୟ ରଖିଥିଲେ। ଆଜି ହୋଇଥିବା ଏହି ଉତ୍ସବରେ ସେକ ମାଲିକ, ସେକ ବାଖର ଅଲ୍ଲି, ଅପୂର୍ବ ପଟନାୟକ, ଅମୁଲ୍ୟ ବେହେରା, ବିନୋଦ ମାଇତି, ଦେବ କୁମାର ପଣ୍ଡିତ, ନଳ କୁମାର ପାତ୍ର, ବଦ୍ଧୁଲ ଅଲ୍ଲି ଖାଁ, ଗୋକୁଳା ନନ୍ଦ ବାରିକ, ଅଳୟ କୁମାର ମାଇତି, ଅଚିନ୍ତ ଗିରି, ରାଜିବ ଗିରି, ସୁଶୋଭନ ଧାଡା, ପ୍ରତ୍ୟୁଷ ପ୍ରଧାନ, ମମିନ ଅଲ୍ଲି ଖାଁ, ଦିନବନ୍ଧୁ ମହାଲିକ, ରମେଶ ଚନ୍ଦ୍ର ସାହୁ, ସୁନିଲ ସାମନ୍ତ,ଶ୍ୟାମ ସୁନ୍ଦର ବାଗ ଙ୍କ ସମେତ ଶତାଧିକ ବିଜୁ ଜନତା ଦଳର କର୍ମୀ ମାନେ ଯୋଗ ଦେଇଥିବା ବେଳେ ବହୁ ବକ୍ତା ନିଜ ନିଜର ବକ୍ତବ୍ୟରେ ବିଜୁ ଜନତା ଦଳର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ।

# କାନାଡ଼ାର ବିବୃତି ଭାରତୀୟ ସେନା ଉପରେ ପ୍ରଭାବ ପକାଇବ ନାହିଁ

ନୂଆଦିଲ୍ଲୀ, (ପି.ଏନ): ନିକଟରେ କାନାଡ଼ାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୁଙ୍କ ବିବୃତି ପରେ ଭାରତ ସହ ତିକ୍ତ ସମ୍ପର୍କ ଭାରତୀୟ ସେନା ଉପରେ ପ୍ରଭାବ ପକାଇବ ନାହିଁ । କାନାଡ଼ାର ସାମରିକ କୂଟନୈତିକ ଆଭିମୁଖ୍ୟ ଏବଂ ସାମରିକ ସମ୍ପର୍କ ସମାନ ରହିବ । ସେପ୍ଟେମ୍ବର ୨୫-୨୭ରେ ନୂଆଦିଲ୍ଲୀର ମାନକେଶା କେନ୍ଦ୍ରରେ ଭାରତୀୟ ସେନା ଏବଂ ଆମେରିକାର ସେନା ପ୍ରଶାନ୍ତ ମହାସାଗରରେ ଆୟୋଜିତ ହେବାକୁ ଥିବା ଇଣ୍ଡୋ-ପାସିଫିକ୍ ଆର୍ମି ଚିଫ୍ ସମ୍ମିଳନୀରେ କାନାଡ଼ାର ଏକ ପ୍ରତିନିଧି ଦଳ ଯୋଗଦେବେ ।ଇଣ୍ଡୋ-ପାସିଫିକ୍ ଅଂଚଳରେ ବହୁପକ୍ଷୀୟ ସୁରକ୍ଷା ସହଭାଗିତାକୁ ସୁନିଶ୍ଚିତ କରିବା ପାଇଁ ୧୩ତମ ଇଣ୍ଡୋ-ପାସିଫିକ୍ ଆର୍ମି ମୁଖ୍ୟ ସମ୍ମିଳନୀ (ଆଇପିଏସିସି) ୪୭ତମ ଇଣ୍ଡୋ-ପାସିଫିକ୍ ଆର୍ମି ମ୍ୟାନେଜମେଂଟ ସେମିନାର (ଆଇପିଏମଏସ) ଏବଂ ୯ତ ସିନିୟର ଏନଲିଷ୍ଟେଡ୍ ଲିଡ଼ର୍ସ ଫୋରମ (ଏସଇଏଲଏଫ) ମଧ୍ୟ ଅନୁଷ୍ଠିତ ହେବ ।ଏହି କାର୍ଯ୍ୟକ୍ରମ ଗୁଡ଼ିକର ପ୍ରସ୍ତୁତି ସମ୍ପର୍କରେ ଡେପୁଟି ଆର୍ମି ମୁଖ୍ୟ ଲେଫ୍ଟନାଂଟ ଜେନେରାଲ ଏମ.ବି. ସୁଚିନ୍ଦ୍ର କୁମାର କହିଛନ୍ତି ଯେ, ଭାରତ-ପ୍ରଶାନ୍ତ ମହାସାଗରରେ ୩୦ ସେନା ମୁଖ୍ୟ ଦୁଇ ଦିନିଆ ଅଇପିଏସିସିରେ ଅଂଶଗ୍ରହଣ କରିବେ ଏବଂ ଭାରତ-ପ୍ରଶାନ୍ତ ମହାସାଗରରେ ସୁରକ୍ଷା ସହଯୋଗ ଏବଂ ସାମୂହିକ ରଣନୀତି ଉପରେ ଆଲୋଚନା କରିବେ ।

# ନୂଆଖାଇରେ ରାଜ୍ୟର ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ ପୁଣି ଥରେ ଧୋକା ଦେଇଛନ୍ତି : ପ୍ରଦୀପ ପୁରୋହିତ

ଭୁବନେଶ୍ୱର, (ପି.ଏନ): ପଶ୍ଚିମଓଡ଼ିଶାର ଗଣପର୍ବ ନୂଆଁଖାଇକୁ ସମସ୍ତ ଚାଷୀ ପାଳନ କରୁଛନ୍ତି । ଏହିଦିନରେ ବି ଶାସକ ଦଳର ମୁଖିଆ ନବୀନ ବାବୁ ଚାଷୀଙ୍କୁ ପ୍ରତାରଣା, ଧୋକା ଓ ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି । ୨୦୧୯ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନିଜେ ବିଧାନସଭାରେ ଘୋଷଣା କରିଥିଲେ “କାଳିଆ” ଯୋଜନାରେ ୭୫ଲକ୍ଷ ଚାଷୀଙ୍କୁ ଓଡ଼ିଶା ସରକାର ୧୦ହଜାର ଟଙ୍କା ଆର୍ଥୀକ ସହାୟତା ଯୋଗାଇଦେବେ। ଯେଉଁମାନେ ଏହି କାଳିଆ ଯୋଜନାରେ ଟଙ୍କା ପାଇବେ ସେହି ଚାଷୀମାନଙ୍କ ପୁଅ, ଝିଅମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଛାତ୍ରବୃତ୍ତି ଦେବେ । ନିର୍ବାଚନ ଆସନ୍ନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଆଜି ପୁଣି ବିଜ୍ଞାପନ ଜରିଆରେ ୪୪ ଲକ୍ଷ ଚାଷୀଙ୍କୁ କାଳିଆ ଯୋଜନାରେ ଆର୍ଥୀକ ସହାୟତା ଦିଆଯିବ ବୋଲି ଘୋଷଣା କରିଛନ୍ତି । ତାହେଲେ ପୂର୍ବ ଘୋଷିତ ୭୫ ଲକ୍ଷ ଚାଷୀଙ୍କ ଭିତରୁ ୩୧ ଲକ୍ଷ ଚାଷୀ କୁଆଡେ ଗଲେ ବୋଲି ପ୍ରଶ୍ନ କରିଛନ୍ତି। ଆଜି ଭଳି ପବିତ୍ର ନୂଆଖାଇ ପର୍ବ ଅବସରରେ ରାଜ୍ୟର ଚାଷୀ ଭାଇଭଉଣୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ବାବୁ ପୁଣି ଥରେ ଧୋକା ଦେଇଛନ୍ତି ବୋଲି ପୂର୍ବତନ ବିଧାୟକ ତଥା ପୂର୍ବତନ କୃଷକମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି ।ଶ୍ରୀ ପୁରୋହିତ କହିଛନ୍ତି ଯେ, ନବୀନ ବାବୁ ୨୪ବର୍ଷ ଶାସନରେ ଚାଷୀକୁଳ ପ୍ରତାରିତ ହୋଇ ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ଭାଷଣରେ ଚାଷୀଙ୍କ ପ୍ରତି ଦରଦ ଦେଖାଉଛନ୍ତି। ମୁଖ୍ୟମନ୍ତ୍ରୀ ନିଜେ ସୋହେଲା ସମାବେଶରେ ଘୋଷଣା କଲେ ଗୋଟିଏ କ୍ୱିଂଟାଲରେ ଚାଷୀଙ୍କୁ ୧୦୦ଟଙ୍କାର ବୋନସ ଦେବେ ବୋଲି କିନ୍ତୁ ଆଜିଯାଏଁ ଟଙ୍କାଟିଏ ବି ଦେଲେ ନାହିଁ। ପଦ୍ମପୁର ଉପନିର୍ବାଚନ ବେଳେ ନବୀନ ବାବୁ ଘୋଷଣା କରିଥିଲେ ୨ଶହ କୋଟି ଟଙ୍କା ଇନପୁଟ ସବ୍‌ସିଡି ଦେବେ ବୋଲି କିନ୍ତୁ ଏଯାଏଁ କେତେ ଦେଲେ ତାହାର ଉତର ଦେବେ କି ? ଓଡ଼ିଶାର ଚାଷୀ ୬୦ କିମ୍ବା ୭୦ଲକ୍ଷ କ୍ୱିଂଟାଲ ଧାନ ମଣ୍ଡିରେ ଦେଉଥିବା ବେଳେ ଛତିଶଗଡ ସରକାର ଚାଷୀଙ୍କ ପାଖରୁ ୭୦ରୁ ୮୦ଲକ୍ଷ ମେଟ୍ରିକ ଟନ୍ ଧାନ କିଣୁଛି ଏବଂ ସର୍ବନିମ୍ନ ଟଙ୍କା ଟିଏ ବି କଟୁନାହିଁ। ଓଡ଼ିଶାର ଚାଷୀଙ୍କ ମଣ୍ଡିରେ ଧାନ ବିକ୍ରି କଲେ ୨ଲକ୍ଷ ଟୋକନ ଲାପ୍ସ ହେଉଛି ଓ ୫ରୁ ୬କିଗ୍ରା କଟନୀ ଛଟନୀରେ ଶିକାର ହେଉଛନ୍ତି। ୫୦୦ରୁ ୬୦୦କୋଟି ଟଙ୍କା ମିଲର୍ସଙ୍କ ଦ୍ୱାରା ସରକାର ଲୁଟ୍ କରୁଛନ୍ତି। ଚାଷୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ଦରଦ ନାହିଁ ।ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ୧.୮୪ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା କରିବେ ବୋଲି କିନ୍ତୁ କେତେ କଲେ ତାହାର ଉତର ଦେବେ କି ? ପ୍ରତି ବ୍ଲକରେ ୩୫ ପ୍ରତିଶତ ଜଳସେଚନ ହେବ ବୋଲି ଘୋଷଣା କରିଥିଲେ କିନ୍ତୁ ସେଥିରେ ବି ବିଫଳ। ଶୀତଳ ଭଣ୍ଡାର ନାହିଁ କି ଷ୍ଟୋରେଜ ବ୍ୟବସ୍ଥା ନାହିଁ। ନବୀନ ବାବୁଙ୍କ ସରକାରରେ ଓଡ଼ିଶାର ଚାଷୀ ପ୍ରତାରିତ ହୋଇଛନ୍ତି। ଚାଷୀଙ୍କ ଦିନକୁ ଦିନ ତଳିତଳାନ୍ତ ହେବା ସହ ଆର୍ଥିକ ଆୟ ଦିନକୁ ଦିନ କମି କମି ଯାଉଛି। ଦେଶର ଚାଷରେ ଓଡ଼ିଶା ଏବେ ତଳଆଡୁ ଦୁଇ ନମ୍ବରରେ ରହିଛି। ରାଜ୍ୟ ସରକାରଙ୍କ ଶୋଷଣରେ ଚାଷୀ ଆଜି ତଳିତଳାନ୍ତ ବୋଲି ଶ୍ରୀ ପୁରୋହିତ କହିଛନ୍ତି ।


2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Friday September 22, 2023 ଭୁବନେଶ୍ୱର ଶୁକ୍ରବାର, ସେପ୍ଟେମ୍ବର ୨୨,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




# ବଡାଖାନା ଏବଂ ପରିମଳ କର୍ମଚାରୀ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ




ସୁନାବେଡ଼ା,(ପି.ଏ ନ): କୋରାପୁଟ ଜିଲ୍ଲା ସୁନାବେଡା ପୌର ପରିଷଦ କଲ୍ୟାଣ ମଣ୍ଡପ ଠାରେ ବଡାଖାନା ଏବଂ ପରିମଳ କର୍ମଚାରୀ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଅଛି। ଏଥିରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ରଘୁରାମ ପଡାଲା ଯୋଗଦେଇ ପରିମଳ କର୍ମଚାରୀ ମାନଙ୍କର ଯୋଗଦାନ କୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଡ଼. ରାଜେନ୍ଦ୍ର କୁମାର ପାତ୍ର ଯୋଗଦେଇ କହିଥିଲେ ।ଆଜି ଏକ ସଙ୍ଗରେ ବଡଖାନା ଏବଂ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେଉଥିବାରୁ ସ୍ୱାଗତ କରିଥିଲେ। ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ନାୟକ ଏହା ଦ୍ୱାରା ପରିମଳ କର୍ମଚାରୀ ମାନେ ବିଶେଷ ଲାଭବାନ ହେବେ ଏବଂ ଏହି ପରିଷଦ ସର୍ବଦା କର୍ମଚାରୀ ମାନଙ୍କର ଅଧିକାର ଉପରେ ବିଶେଷ ଧ୍ୟାନ ଦେଇଥାଏ। ପରିଷଦ ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ, ମିନତୀ ମିଶ୍ର, ରବୀନ୍ଦ୍ର ପ୍ରଧାନ ଏବଂ ମନୋଜେ ସୁନା ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରେ ୨୦ ଜଣଙ୍କୁ ପରିମଳ କର୍ମଚାରୀ ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ସ୍ୱଚ୍ଛ ସାଥି , ସ୍ୱଚ୍ଛ, ସ୍ୱଚ୍ଛ ସୁପର ଭାଇଜର,ମସ୍ତିଷ୍କ ଅମ୍ଳାନ ପରିବର୍ତ୍ତନଶୀଳତା,ଡ୍ରାଇଭର, ଡାକ୍ତରୀ ପରାମର୍ଶ କମିଟି, କ୍ରମିକ ଟ୍ରାନ୍ସଭର୍ସ ଏଣ୍ଟ୍ରୋପ୍ଲାଷ୍ଟି । ଏବଂ ପରିଷଦର ସମସ୍ତ କର୍ମଚାରୀ ଯୋଗଦେଇଥିଲେ। ଉପନଗରପାଳ ରିତୁ କଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ହାଡିବନ୍ଧୁ ରାଉଲ ଏବଂ ଲକ୍ଷ୍ମୀଧର ମହାପାତ୍ର ପରିଚାଳନା କରିଥିଲେ।ଏହି ବଡାଖାନା କାର୍ଯ୍ୟକ୍ରମ ଅବଶରରେ ପରିଷଦର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ରାଜ୍ୟରେ ଚାଲିଥିବା ସରପଞ୍ଚମାନଙ୍କ ଆନ୍ଦୋଳନକୁ ରାଷ୍ଟ୍ରୀୟ ପଞ୍ଚାୟତିରାଜ ଗ୍ରାମ ପ୍ରଧାନ/ସରପଞ୍ଚ ସଂଗଠନ ଓଡିଶା ଶାଖାର ସମର୍ଥନ, ସରକାରଙ୍କ ହସ୍ତକ୍ଷେପ ଦାବି

ବ୍ରହ୍ମପୁର, (ପି.ଏନ): ସାରା ରାଜ୍ୟରେ ଚାଲିଥିବା ସରପଞ୍ଚ ସଂଗଠନର ଆନ୍ଦୋଳନକୁ ରାଷ୍ଟ୍ରୀୟ ପଞ୍ଚାୟତିରାଜ ଗ୍ରାମ ପ୍ରଧାନ/ସରପଞ୍ଚ ସଂଗଠନ ଓଡିଶା ଶାଖା ସଭାପତି ରବି ରଥ ଓ ସମ୍ପାଦକ ଡା. ରାଜାରାମ ଷଡଙ୍ଗୀ ସମର୍ଥନ ଜଣାଇ ରାଜ୍ୟ ସରକାର ଏଥିରେ ତୁରନ୍ତ ହସ୍ତକ୍ଷେପ କରି ସରପଞ୍ଚମାନଙ୍କୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ଅନୁରୋଧ କରିଛନ୍ତି ।ନବୀନ ପଟ୍ଟନାୟକ ମଧ୍ୟ କରୋନା ସମୟରେ ସରପଞ୍ଚଙ୍କୁ ଜିଲ୍ଲାପାଳ କ୍ଷମତା ଦେଇଥିଲେ। ବର୍ତ୍ତମାନ ଆମ ଓଡିଶା ନବୀନ ଓଡିଶା ଯୋଜନାରେ ପଞ୍ଚାୟତକୁ ୫୦ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିବା ବେଳେ ଏହି ଅନୁଦାନ ନିମନ୍ତେ ପ୍ରକଳ୍ପ ଚୟନ ଆଦି ନିଷ୍ପତ୍ତିରେ ସରପଞ୍ଚଙ୍କୁ ଗୁରୁତ୍ୱ ଦିଆଯାଉନାହିଁ। ଏହା ସହ ସରପଞ୍ଚଙ୍କୁ ଅବସରକାଳୀନ ଭତ୍ତା, ସ୍ୱାସ୍ଥ୍ୟ ବୀମା ପ୍ରଦାନ, ଅଙ୍ଗନବାଡି ଓ ସ୍ୱାସ୍ଥ୍ୟ କେନ୍ଦ୍ରର ରକ୍ଷଣାବେକ୍ଷଣ ପାଇଁ ପଞ୍ଚାୟତକୁ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା, ଦରମା ୨୦ ହଜାର କରାଯାଉ, ୱାର୍ଡ ମେମ୍ବରମାନଙ୍କୁ ୫ ହଜାର ଦରମା ପ୍ରଦାନ କରାଯାଉ, ପିଅନ ଓ ରାତ୍ର ଜଗୁଆଳିଙ୍କ ଦରମା ବ୍ୟବସ୍ଥା କରାଯାଉ, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ସରପଞ୍ଚଙ୍କ ହାତପାଣ୍ଠୀ ୧୦ଲକ୍ଷ ଟଙ୍କା ଓ ୫ଟି ଗୃହ ଆବଣ୍ଟନର କ୍ଷମତା ଦେବା ଆଦି ଦାବି ରହିଛି ।ଶ୍ରୀ ରଥ କହିଛନ୍ତି ଗଣତନ୍ତ୍ରିକ ବ୍ୟବସ୍ଥାରେ ସରପଞ୍ଚମାନେ ହେଉଛନ୍ତି ମୂଳ ପି ? । ଏମାନଙ୍କ ଉପରେ ପ୍ରଶାସନିକ ଅଧିକାରୀମାନଙ୍କ ଅଙ୍କୁଶ ଥିବାରୁ ସରପଞ୍ଚମାନେ କୌଣସି କାମ କରି ପାରୁନାହାନ୍ତି । ପଞ୍ଚାୟତିରାଜକୁ କ୍ଷମତା ପ୍ରଦାନ ପାଇଁ ଯେଉଁ ସାମ୍ବିଧାନିକ ବ୍ୟବସ୍ଥା ରହିଛି ତାହାକୁ କାର୍ଯ୍ୟକାରୀ କରିବା ଦିଗରେ ପ୍ରଶାସନିକ ଅଧିକାରୀମାନେ ବାଧା ସୃଷ୍ଟି କରୁଛନ୍ତି। ଫଳରେ ସରପଞ୍ଚଙ୍କ ଅଧିକାର କ୍ଷୁର୍ଣ୍ଣ ହେବାରେ ଲାଗିଛି । ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥିବାରୁ ସରକାର ଏ ଦିଗରେ ଦୃଷ୍ଟି ଦେବେ ବୋଲି ସେ ଦାବି କରିଛନ୍ତି ।

## ପାରାଦୀପ ବିଶ୍ୱକର୍ମା ପୂଜା : ଲୁଟେରା,ମଦ୍ୟପ ନିୟନ୍ତ୍ରଣରେ ପୋଲିସର ବିଫଳତା !



ପାରାଦୀପ,(ପି.ଏନ): ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉତ୍ସବର ପଞ୍ଚମ ଦିବସରେ ମଧ୍ୟ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା କ୍ଷ ତେବେ ପୂଜା ଉତ୍ସବ ରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା ଥିବା ସତ୍ୱେ ବହୁ ବାଇକ, ପର୍ସ ଇତ୍ୟାଦି ଚୋରି ସହିତ ବହୁ ମଦ୍ୟପ ବେନିୟନ୍ତ୍ରିତ ଭାବେ ଉତ୍ସବ ସ୍ଥଳରେ ବୁଲି ସାଧାରଣରେ ଆଶ୍ରାଭ୍ୟ ଭାଷାରେ ଗାଳି ଗୁଲଜ କରୁଥିବାର ଅଭିଯୋଗ ହୋଇଛି । ତେବେ ପୂଜାରେ ସେଭଳି କୌଣସି ଦୁର୍ଘଟଣା କିମ୍ବା ଅସାମାଜିକ କାର୍ଯ୍ୟ ଘଟିଥିବାର ଖବର ନଥିବା ବେଳେ ଲୁଟେରା ଓ ମଦ୍ୟପ ନିୟନ୍ତ୍ରଣ ରେ ପୋଲିସ ର ବିଫଳତାକୁ ନେଇ ସାଧାରଣରେ ଆଲୋଚ୍ନା ହେଉଛି କ୍ଷ ସୂଚ୍ନାଥାଉକି ସେପ୍ଟେମ୍ବର ୧୭ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଆସନ୍ତା ୨୩ ତାରିଖରେ ସମାପ୍ତ ହୋଇ ଏହାପରେ ବିସର୍ଜନ ହେବ ।

## ବିକାଶ ଫାଉଣ୍ଡେସନ ଟ୍ରଷ୍ଟର 'ମାଗଣା ସ୍ୱାସ୍ଥ୍ୟସେବା ଶିବିର'



ଅନୁଗୋଳ, (ପି.ଏନ): ଓଡ଼ିଶାର ଅଗ୍ରଣୀ ସାମାଜିକ ସଂଗଠନ 'ବିକାଶ ଫାଉଣ୍ଡେସନ ଟ୍ରଷ୍ଟ'ର ବିଶାଳ ସ୍ୱାସ୍ଥ୍ୟସେବା ଶିବିର ଗୁରୁବାର ଅନୁଗୋଳ ନିର୍ବାଚ୍ନମଣ୍ଡଳୀର ଅଙ୍ଗାରବନ୍ଧ ଏବଂ ଛେଣ୍ଡିପଦା ନିର୍ବାଚ୍ନମଣ୍ଡଳୀର ବଡ଼ସାହୀରେ ଅନୁଷ୍ଠିତ ହୋଇଯାଇଥିବା ବେଳେ ଏହା ଦ୍ୱାରା ସ୍ଥାନୀୟ ଗ୍ରାମବାସୀମାନେ ଉପକୃତ ହୋଇଛନ୍ତି । ବିଭିନ୍ନ ବିଭାଗର ୨୫ ରୁ ଉର୍ଦ୍ଧ୍ୱ ଅଭିଜ୍ଞ ଡାକ୍ତର, ୫୦ରୁ ଉର୍ଦ୍ଧ୍ୱ ସେବିକା ଓ ସ୍ୱାସ୍ଥ୍ୟକର୍ମୀ ତଥା ୧୦୦ ରୁ ଅଧିକ ସ୍ୱେଚ୍ଛାସେବୀ ଏହି ମାଗଣା ସ୍ୱାସ୍ଥ୍ୟସେବା ଶିବିରରେ ହଜାର ହଜାର ରୋଗୀଙ୍କୁ ଚିକିତ୍ସା ସେବା ପ୍ରଦାନ କରିଥିଲେ । ସ୍ୱାସ୍ଥ୍ୟସେବା ଶିବିରରେ ଜନସାଧାରଣଙ୍କୁ ଡାକ୍ତରଙ୍କ ପରାମର୍ଶ କ୍ରମେ ମାଗଣା ଔଷଧ ବିତରଣ କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସେବା ସମର୍ପଣ ଅଭିଯାନରେ ଚିକିତ୍ସାରୁ ବଞ୍ଚିତ ହେଉଥିବା ଲୋକମାନଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଟ୍ରଷ୍ଟର ମୁଖ୍ୟ ଲକ୍ଷ୍ୟ । ଆସନ୍ତା ଅକ୍ଟୋବର ୨ ପର୍ଯ୍ୟନ୍ତ ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲାର ୨୫ଟି ସ୍ଥାନରେ ଏହି ଶିବିରର ଆୟୋଜନ କରାଯାଇ ୫୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାର ଲକ୍ଷ୍ୟ ରଖାଯାଇଛି । ଏଭଳି ଆୟୋଜନକୁ ନେଇ ସ୍ଥାନୀୟ ଗ୍ରାମବାସୀମାନେ ପ୍ରଶଂସା କରିବା ସହ ବିକାଶ ଫାଉଣ୍ଡେସନକୁ ଧନ୍ୟବାଦ ଜଣାଇଛନ୍ତି ।

## ଜମି ବିବାଦକୁ କେନ୍ଦ୍ର କରି ଯୁବକକୁ ନିର୍ମମ ହତ୍ୟା,ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ

ଶେରଗଡ଼ (ପି. ଏନ ): ଗଞ୍ଜାମ ଜିଲ୍ଲା ଶେରଗଡ ଥାନା ଅନ୍ତର୍ଗତ ବନ୍ଧାଗୁଡା ପଚାଂୟତ ଲକ୍ଷ୍ମୀନୃସିଂହପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଜମି ବିବାଦକୁ କେନ୍ଦ୍ରକରି ହତ୍ୟା କ୍ଷ ସୂଚ୍ନା ମୁତାବକ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେହି ଗ୍ରାମର ତିନି ଜଣ ଯୁବକ ଟୁନା ଗୌଡ,ପିଣ୍ଟୁ ଗୌଡ ନାମକ ଯୁବକ ସୂର୍ଯ୍ୟ ଗୌଡକୁ ଧାରୁଆ ଅସ୍ତ୍ରରେ ହାଣି ନିର୍ମମ ଭାବେ ହତ୍ୟା କରିଥିବା ଜଣାଯାଇଛି । ହତ୍ୟା ପରେ ଗ୍ରାମ ନିକଟରେ ଥିବା ପାହାଡ ଠାରେ ଫିଙ୍ଗି ଦେଇଥିଲେ । ଶରୀରର ବିଭିନ୍ନ ସ୍ଥାନରେ ଧାରୁଆ ଅସ୍ତ୍ରରେ ହାଣିଥିବା ଚିହ୍ନ ରହିଥିବା ଜଣାପଡିଛି । ଜମି ବିବାଦକୁ ନେଇ ପୂର୍ବରୁ ଗଣ୍ଡଗୋଳ ଲାଗି ରହିଥିଲା । ଗତକାଲି ରାତିରେ ସଂଘବଦ୍ଧ ଭାବେ କିଛି ଯୁବକ ତାଙ୍କୁ ଘରକୁ ଯାଇ ସୂର୍ଯ୍ୟ ଗୌଡକୁ ଖୋଜିଥିଲେ । ଏହାପରେ ରାତିରେ ସୂର୍ଯ୍ୟ ଗୌଡ ଘରକୁ ଫେରିନଥିଲେ । ସକାଳ ହେବା ପରେ ସ୍ଥାନୀୟ ଲୋକଙ୍କ ସୂଚ୍ନା ଅନୁଯାୟୀ ହତ୍ୟା ହୋଇଥିବା ଖବର ପ୍ରକଟ ହୋଇଥିଲା ।

## ନାଲକୋ ବିଶ୍ୱକର୍ମାର ଫୁଡ ମାର୍କେଟରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଯାଞ୍ଚ

ଅନୁଗୁଳ,(ପି.ଏନ):ଅନୁଗୁଳ ଜିଲ୍ଲା ନାଲକୋ ରେ ଚାଲିଛି ବିଶ୍ୱକର୍ମା ପୂଜା। ପଡିଛି ବହୁ ଖାଦ୍ୟ ଦୋକାନ ।ଏହି ଖାଦ୍ୟ ଦୋକନ ଗୁଡିକୁ ଗୁରୁବାର ଅପରାହ୍ନ ସମୟରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଯାଞ୍ଚ ହୋଇଥିଲା । ଖାଦ୍ୟ ଗୁଡିକର ଗୁଣବତ୍ତା ଯାଞ୍ଚ କରିବା ନେଇ ଅନୁଗୁଳ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଆଜି ଅପରାହ୍ନ ରେ ସମସ୍ତ ଦୋକାନ କୁ ଯାଞ୍ଚ କରାଯାଇଥିଲା । ବିଭିନ୍ନ ଦୋକାନ ଯାଞ୍ଚ ପରେ ବାସୀ ଖାଦ୍ୟ କୁ ଫିଙ୍ଗା ଯାଇଥିଲା ଏବଂ ଦୋକାନ ମାନଙ୍କୁ ତାଗିଦ୍ କରାଯାଇଥିଲା। ଏ ପଟେ ନାଲକୋ ମୀନା ବଜାର ରେ ବିସ୍କୁଟ ଖାଇଲେ ପାଟିରୁ ବାହାରିବ ଧୂଆଁ।

# ରାମଗଡକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଅପେକ୍ଷାରେ ଅଞ୍ଚଳବାସୀ



ଜେନାପୁର,(ପି.ଏନ୍) ସବୁଜମୟ ପର୍ବତ ପାଦ ଦେଶରେ ପ୍ରକୃତିର ସୌନ୍ଦର୍ଯ୍ୟ ପୂର୍ଣ୍ଣ ନବ ଦିଗନ୍ତ ସୃଷ୍ଟିର ଧାରା ପାଛୁଟି ନିଏ ଅନତି ଦୂରରୁ ପ୍ରକୃତି ଚିତ୍ରକୁ ଭଲପାଉଥିବା ସେହି ଉନ୍ନତ ମନୁଷ୍ୟ ଯାହା ଦେଖିଲେ ଆନନ୍ଦରେ ବିଭୋର୍ ହୋଇଯା'ନ୍ତି । ସେହି ପରି ଏକ ପୌରାଣିକ ବିଷୟ ପ୍ରଭୁ ଶ୍ରୀରାମଚନ୍ଦ୍ର ବନବାସ ସମୟରେ ଅବହେଳିତ ହୋଇ ପଡି ରହିଥିବା ଗୁପ୍ତଗଙ୍ଗା ଓ ତାଙ୍କର ପଦସ୍ପର୍ଶରେ ସୃଷ୍ଟି ହୋଇଥିଲା ସ୍ଥାନର ନାମ । ଯାହା ଆଜିବି ସେ ସ୍ଥାନର ନାମ ରାମଗଡ ଭାବେ ପରିଚିତ ଲାଭ କରିଛି । ସେହି ସ୍ଥାନଟି ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅନ୍ତର୍ଗତ ତାଳଜଙ୍ଗ ଗ୍ରାମ ନିକଟସ୍ଥ ପାହାଡ଼ ଉପରେ ଥିବା ରାମଗଡ଼ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି। ଏହାର ପୁନରୁଦ୍ଧାର ଓ ଉନ୍ନତି ଏବଂ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି ରେ ୫ ଟି ସଚିବ ଙ୍କୁ ଚିଠି ଲେଖିଛନ୍ତି ଉକ୍ତ ଅଞ୍ଚଳର ଜେନାପୁର ଗୋପବନ୍ଧୁ ପ୍ରେସ କ୍ଲବର ସଦସ୍ୟ। ସୂଚ୍ନାଯୋଗ୍ୟ ଯାଜପୁର ଜିଲ୍ଲାର ରେ ରହିଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଓ ଐତିହାସିକ ସ୍ଥାନ ମଧ୍ୟରୁ ରାମଗଡ଼ ପାହାଡ଼ ଏକ ସ୍ୱତନ୍ତ୍ର ସ୍ଥାନ ଅଟେ। ପାହାଡ଼ ପାଦ ଦେଶରୁ ଏହା ପ୍ରାୟ ୮୦୦ ମିଟର ଉଚ୍ଚରେ ଅବସ୍ଥିତ। ଅନେକ ଐତିହାସିକ ଓ ପୌରାଣିକ ଗାଥା ଗାଉଥିବା ରାମଗଡ଼ ପାହାଡ଼ କୁ ନେଇ ରହିଛି ଅନେକ କିମ୍ବଦନ୍ତୀ। ଏଠାରେ ପ୍ରଭୁ ରାମ,ଲକ୍ଷ୍ମଣ ,ସୀତା ଓ ହନୁମାନ ପୂଜା ପାଉଛନ୍ତି। ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ବନବାସ ସମୟରେ ମାତା ସୀତା ଙ୍କ ର ତୃଷ୍ଣା ମେଣ୍ଟେଇବା ପାଇଁ କୌଣସି ଜଳର ସନ୍ଧାନ ପାଇ ନ ଥିଲେ। ପର୍ବତ ପାଦ ଦେଶରେ ପ୍ରଭୁ ଶରବିଦ୍ଧ କରି ଏକ ଝରଣା ସୃଷ୍ଟି କରିଥିଲେ। ସେହି ଦିନ ଠାରୁ' ଗୁପ୍ତଗଙ୍ଗା ' ନାମ ରେ ଚିରସ୍ରୋତା ଝରଣା ଟିଏ ଆଜି ପର୍ଯ୍ୟନ୍ତ ପ୍ରବାହିତ ହେଉଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ପାହାଡ଼ ପାଦ ଦେଶରେ ଥାଇ ମଧ୍ୟ ତାହା ଚିରସ୍ରୋତା ।ଜଣେ ଶବର ରାଜା ଏଠାରେ ବାସ କରୁଥିଲେ ବୋଲି ଶୁଣିବାକୁ ମିଳେ। ଚତୁଃପାର୍ଶ୍ୱରେ ପାହାଡ଼ ବନଘେରା ପରିବେଶଟିରେ ଏକ ସ୍ୱତନ୍ତ୍ର ଅନୁଭୂତି ଅନୁଭବ ହୁଏ। ବର୍ଷସାରା ବିଭିନ୍ନ ପର୍ବ ପର୍ବାଣୀରେ ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକ ମାନେ ଏଠାକୁ ବୁଲିବାକୁ ଆସି ଖୁବ ଆନନ୍ଦିତ ହେବା ସହିତ ବଣଭୋଜିର ଆଶର କରି ମଜା ବି ନିଅନ୍ତି। ତାଳଜଙ୍ଗ ଗ୍ରାମ ନିକଟରୁ ଏହାର ଦୂରତା ପ୍ରାୟ ଦେଢ଼ କିଲୋମିଟର ହେବ। ଗମନାଗମନର କୌଣସି ସୁବିଧା ନ ଥିବାରୁ ବହୁ ଅସୁବିଧା ରେ ପର୍ଯ୍ୟଟକମାନେ ସେଠାକୁ ଯାଇଥାନ୍ତି। ଏଠାକୁ କୌଣସି ବିଦ୍ୟୁତ୍ ସଂଯୋଗ ମଧ୍ୟ କରା ଯାଇନାହିଁ। ରାଜାଙ୍କ ଶାସନ କାଳ ରେ ବ୍ରହ୍ମ ଅବଧୂତ ବାବା ଶ୍ରୀ କଳ୍ପତରୁ ଦାସ ମହାରାଜ ନାମରେ ଜଣେ ସାଧୁ ଏଠାରେ ଏକ ଆଶ୍ରମ ପ୍ରତିଷ୍ଠା କରିଥିଲେ। ରେଖିଦେଇପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ରାଜ୍ୟ ସରକାରଙ୍କ ତରଫରୁ ପ୍ରକୃତି ମିତ୍ର ପୁରସ୍କାର ପ୍ରାପ୍ତ ପରିବେଶବିତ ଉଦ୍ଧବ ଚରଣ ମଲ୍ଲଙ୍କ ପ୍ରଚେଷ୍ଟାରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗ ରେ ଏଠାରେ ବାବାଙ୍କର ଆଶ୍ରମ ସହିତ ପର୍ଯ୍ୟଟକମାନଙ୍କ ପାଇଁ ୩୦ ବର୍ଷ ପୂର୍ବ ସରକାରୀ ଅନୁଦାନରେ ଏକ ଗୃହ ମଧ୍ୟ ନିର୍ମାଣ କରାଯାଇଥିଲା। ସମୟକ୍ରମେ ବାବାଙ୍କ ର ବ୍ରହ୍ମଲୀନ ହୋଇଥିଲା ଓ ବାବା ଙ୍କର ଏଠାରେ ସମାଧି ଦିଆ ଯାଇଥିଲା। ସେହିପର ଠାରୁ ଏଠାରେ କେହି ବାବା ରହୁ ନ ଥିବା ବେଳେ ସ୍ଥାନୀୟ ଲୋକ ଏହାର ଦାଇତ୍ୱ ବହନ କରି ସମସ୍ତ ପୂଜାର୍ଚ୍ଚନା କରୁଥିବା ସହିତ ରକ୍ଷଣାବେକ୍ଷଣ କରୁଛନ୍ତି। ଶ୍ରୀ ମଲ୍ଲଙ୍କ ଚେଷ୍ଟା ଓ ସ୍ଥାନୀୟ ଲୋକଙ୍କ ସହଯୋଗ ରେ ଏଠାରେ ପ୍ରାୟ ୫୦୦ ମିଟର ହେବ ଏକ ରାସ୍ତା ନିର୍ମାଣ କରାଯାଇଛି। କିମ୍ବଦନ୍ତୀ ବହନ କରୁଥିବା ଏହି ସ୍ଥାନ ଓ ଗୁପ୍ତଗଙ୍ଗା ଗଙ୍ଗା କୁ ଦେଖିବା ପାଇଁ ପର୍ଯ୍ୟଟକ ମାନଙ୍କ ମନ ରେ ଅନେକ କୌତୁହଳ ଥାଏ କିନ୍ତୁ ସଂକୀର୍ଣ୍ଣ ପାଦ ଚଲା ରାସ୍ତାରେ ପାହାଡ଼ ଉପରକୁ ଯିବା ପାଇଁ ପର୍ଯ୍ୟଟକଙ୍କ ଆଗ୍ରହ କମି ଯାଉଛି। କିଛି ବର୍ଷ ପୂର୍ବ ? ଏହାର ଉନ୍ନତି ଓ ସୁରକ୍ଷା ପାଇଁ ପରିବେଶବିତ ଉଦ୍ଧବ ଚରଣ ମଲ୍ଲ, ଅଗଣି ମିଶ୍ର,ସଞ୍ଜୟ ଧୀର ,ଟିକୁ ମଲ୍ଲ, ତ୍ରିଲୋଚନ ନାଥ, ଦେବବ୍ରତ ରାଉତ ପ୍ରମୁଖ ତତ୍କାଳୀନ ଯାଜପୁର ଜିଲ୍ଲାପାଳ ଓ ପର୍ଯ୍ୟଟନ ବିଭାଗ ର ଦୃଷ୍ଟି ଆକର୍ଷଣ କରିଥିଲେ। ଦୁଃଖ ଓ ପରିତାପର ବିଷୟ ଜିଲ୍ଲା ପ୍ରଶାସନ କିମ୍ବା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଜି ପର୍ଯ୍ୟନ୍ତ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ସ୍ଥାନୀୟ ଜେନାପୁର ଓ କବାଟବନ୍ଧ ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକ ଜେନାପୁର ଗୋପବନ୍ଧୁ ପ୍ରେସ କ୍ଲବର ସଦସ୍ୟ ଅଶୋକ ଦାସ, ଚିତ୍ରସେନ ନାଥ, ବାବୁଲି ରାଉତ, ବସନ୍ତ କୁମାର ମଲ୍ଲିକ, ଅସିତ କୁମାର ନାୟକ, ସୁନୀଲ ପାଢ଼ୀ, ନିଷ୍କାନ୍ତ ଖଟୁଆ, ପ୍ରଶାନ୍ତ ସାମଲ, ବିନୟ ଜେନାମଣି ପ୍ରମୁଖ ଏହାର ଉନ୍ନତି ଓ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବୀ କରି ୫ ଟି ସଚିବଙ୍କୁ ଚିଠି ଲେଖିଥିବା ଜଣା ପଡ଼ିଛି।







Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray